# ରାଜଧାନୀରେ ଖୋଲିଲା ଧର୍ମାନୁଷ୍ଠାନ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ସୋମବାରଠାରୁ କଟକକଣାରେ ଖୋଲିଛି ମନ୍ଦିର ଓ ଧର୍ମାନୁଷ୍ଠାନ। କେବଳ ଲିଙ୍ଗରାଜ ମନ୍ଦିର ବ୍ୟତୀତ ଅନ୍ୟ ସମସ୍ତ ମନ୍ଦିରରେ ଭକ୍ତ ଓ ଭଗବାନଙ୍କ ମିଳନ ହୋଇଛି। ପ୍ରଥମ ଦିନରେ ସହରର ବିଭିନ୍ନ ଶୈବ ପୀଠରେ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ରାମ ମନ୍ଦିର ସମେତ ଅନ୍ୟ ଦେବାୟଳୟ ପ୍ରାୟତଃ ଫାଙ୍କା ରହିଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଜାରି ଗାଇଡ୍‌ଲାଇନ୍ ପାଳନ କରି ଶ୍ରଦ୍ଧାଳୁମାନେ ହାତ ସାନିଟାଇଜ କରି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଗର୍ଭଗୃହ ଭିତରକୁ ପ୍ରବେଶ ବାରଣ ଥିବାରୁ ଶ୍ରଦ୍ଧାଳମାନେ ତାହାକୁ ପାଳନ କରିଥିଲେ। ଭୋଗଲାଗି ଓ ନୈବେଦ୍ୟ ଅର୍ପଣ ବାରଣ ଥିଲା। ମାସ୍କ ପିନ୍ଧିବା ସହ ନିର୍ଦ୍ଦିଷ୍ଟ ସ୍ଥାନରେ ରହି ଦର୍ଶନ କରିବାକୁ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ ଦୀର୍ଘଦିନ ପରେ ଠାକୁରଙ୍କୁ ଅତି ନିକଟରୁ ପାଇ ବହୁ ଭକ୍ତ ଭାବବିହ୍ୱଳ ହୋଇପଡୁଥିବା ଦେଖିବାକୁ ମିଳିଥିଲା। କରୋନା ମହାମାରୀ ପାଇଁ ଗତ ୪ ମାସ ଧରି ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରହିଥିଲା। ସ୍ଥିତିରେ ସୁଧାର ଆସିଥିବା ଜିଲାଗୁଡ଼ିକରେ ମନ୍ଦିର ଖୋଲିବା ପାଇଁ ପ୍ରଥମେ ଅନୁମତି ମିଳିଥିଲେ ବି ରାଜଧାନୀରେ କରୋନା ପ୍ରଭାବ ଅଧିକ ରହିଥିବାରୁ ଏଠାରେ ଧର୍ମାନୁଷ୍ଠାନ ଖୋଲିବାକୁ ବାରଣ କରାଯାଇଥିଲା। ଏବେ କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ସହରରେ ସମସ୍ତ ଧର୍ମାନୁଷ୍ଠାନ ଖୋଲିବାକୁ ଅନୁମତି ମିଳିଛି। ଅସୁସ୍ଥ ବ୍ୟକ୍ତି, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି ଏବଂ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ମନ୍ଦିର ତଥା ଧର୍ମାନୁଷ୍ଠାନକୁ ଯିବାକୁ ବାରଣ କରାଯାଇଛି। ଗାଇଡ୍‌ଲାଇନ୍ ଯେପରି ଠିକ୍ ଭାବେ ପାଳନ ହେବ ସେ ନେଇ ସମସ୍ତ ମନ୍ଦିର ତଥା ଧର୍ମାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ସେପ୍ଟେମ୍ବର ୧ରୁ ସର୍ବସାଧାରଣଙ୍କ ନିମନ୍ତେ ଲିଙ୍ଗରାଜ ମନ୍ଦିର ଖୋଲିବାକୁ ଯାଉଥିବାରୁ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗତ ୭ ତାରିଖରେ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୨୩ ତାରିଖରୁ ଭୁବନେଶ୍ୱରରେ ମନ୍ଦିର ସମେତ ସମସ୍ତ ଧର୍ମାନୁଷ୍ଠାନ ଖୋଲିବା ନେଇ ବିଭିନ୍ନ ଧର୍ମାନୁଷ୍ଠାନର କର୍ମକର୍ତ୍ତାମାନେ ବିଏମ୍‌ସିକୁ ପ୍ରସ୍ତାବ ଦେଇଥିଲେ। କରୋନା ସ୍ଥିତି ଓ ବୈଠକରେ ଆସିଥିବା ମତାମତକୁ ବିଚାରକୁ ନେବା ପରେ ଗତ ୯ ତାରିଖରେ ଧର୍ମାନୁଷ୍ଠାନ ଖୋଲିବା ନେଇ ବିଏମ୍‌ସି ତାରିଖ ଘୋଷଣା କରିଥିଲା।



ଭୁବନେଶ୍ୱର ରାମ ମନ୍ଦିର ସୋମବାରଠାରୁ ଖୋଲିବା ପରେ ଠାକୁରଙ୍କୁ ଦର୍ଶନ ସାରି ଶ୍ରଦ୍ଧାଳୁମାନେ ବାହାରୁଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମଲ୍ଟିପଲ ଆକ୍ସନ ରିସର୍ଚ୍ଚ ଗ୍ରୁପ ଅନୁଷ୍ଠାନ ପକ୍ଷରୁ ଦୁଇଦିନିଆ କର୍ମଶାଳା, ହୋଟେଲ ଏକ୍ସିଲେନ୍ସି, ଝୁନଝୁନୱାଲା ଗାର୍ଡେନ, ଅଶୋକ ନଗର, ୟୁନିଟ-୨, ପୂର୍ବାହ୍ନ ୧୦ଟା।
- ଓୟୁଏଟିର ୬୦ତମ ପ୍ରତିଷ୍ଠା ଦିବସ, ଏମ.ଏସ. ସ୍ୱାମୀନାଥନ କନଫରେନ୍ସ ହଲ, ଓୟୁଏଟି, ପୂର୍ବାହ୍ନ ୧୦ଟା ୩୦।
- ଘରୋଇ ମହିଳା ଶ୍ରମିକ ୟୁନିୟନ ପକ୍ଷରୁ ବିଭିନ୍ନ ଦାବି ନେଇ ଧାରଣା, ଶ୍ରମ କମିଶନ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- କଂଗ୍ରେସ ସେବା ଦଳ ପକ୍ଷରୁ ପ୍ରତିଜନ ଉତ୍ସବ, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା ୩୦।

# ଏସ୍ଆର୍ ମାମଲା: ମାଲଖାନା ରେକର୍ଡର ଡିଜିଟାଇଜେଶନ

କଟକ ଅଫିସ,୨୩।୮

ତଦନ୍ତ ଏବଂ ତତ୍ସମ୍ପର୍କୀୟ ଆନୁସଙ୍ଗିକ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଓଡ଼ିଶା ପୋଲିସ କ୍ରମାଗତ ଭାବେ ଟେକ୍ନୋଲୋଜିର ବ୍ୟବହାର କରିଆସୁଛି। ଗତ କିଛିଦିନ ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆରମ୍ଭ ହୋଇଛି।

ବିଭିନ୍ନ ସ୍ୱତନ୍ତ୍ର ରିପୋର୍ଟ (ଏସ୍ଆର) ମାମଲାର ଡିଜିଟାଇଜେଶନ୍ କରାଯାଇଛି। ସମ୍ବେଦନଶୀଳ ମାମଲା ଯଥା ହତ୍ୟା, ବଳାତ୍କାର, ଡକାୟତି, ଏସ୍‌ଟି ଏବଂ ଏସ୍‌ସି ଆକ୍ଟ, ପୋକ୍‌ସୋ ଆକ୍ଟ ସଂକ୍ରାନ୍ତ ଅପରାଧଗୁଡ଼ିକ ସ୍ୱତନ୍ତ୍ର ରିପୋର୍ଟ କିମ୍ବା ଏସ୍ଆର ମାମଲା ଭାବେ ପରିଗଣିତ ହୋଇଥାଏ। ଏହି ମାମଲାଗୁଡ଼ିକ ଏସ୍‌ପି, ରେଞ୍ଜ ଡିଜି ଏବଂ କ୍ରାଇମବ୍ରାଞ୍ଚ/ ଏଚ୍ଆରପିସିର ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥାଏ। ଦୀର୍ଘଦିନ ଧରି ଏହି ମେକାନିଜିମ ପରିଚାଳନାର ବିକାଶ ହୋଇଛି। ଏହିଭଳି ଗୁରୁତର ମାମଲାଗୁଡ଼ିକର ପରିଚାଳନା ନିମନ୍ତେ ସମସ୍ତ ରାଜ୍ୟରେ ସମାନ ପ୍ରଣାଳୀ ରହିଛି। ଓଡ଼ିଶା ପୋଲିସ ଏସ୍ଆର ଫାଇଲଗୁଡ଼ିକୁ ଡିଜିଟାଇଜେଶନ୍ କରିଛି। ଫଳରେ ବର୍ତ୍ତମାନ ସିସିଟିଏନ୍ଏସ୍ ମଡ୍ୟୁଲରେ ସୁପରଭାଇଜ୍ ନୋଟ୍ ସହିତ ସମସ୍ତ ରିପୋର୍ଟ ଏବଂ ଦଲିଲ ଅପଲୋଡ୍ ହୋଇଛି। ଏଥିଯୋଗୁ ଏସ୍ଆର ମାମଲାଗୁଡ଼ିକର ପରିଚାଳନାରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି। ଏସ୍ଆର କ୍ରାଇମ ରେକର୍ଡକୁ ଡିଜିଟାଇଜ୍ କରିବା ଏବଂ ସିସିଟିଏନ୍ଏସ୍ ସହିତ ସମାନ କରିବା ପାଇଁ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ।

ସେହିପରି ଓଡ଼ିଶା ପୋଲିସ ମାଲଖାନା ରେକର୍ଡଗୁଡ଼ିକର ମଧ୍ୟ ଡିଜିଟାଇଜେସନ୍ କାର୍ଯ୍ୟ ଆରମ୍ଭ କରିଛି। ପ୍ରାରମ୍ଭରେ ଏହା କେତେକ ଜିଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଚାଲିଥିଲା। ୨୦୨୧ ଅଗଷ୍ଟ ୧୧ରୁ ଏହାକୁ ରାଜ୍ୟ ପୋଲିସ ପାଇଁ ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପ ବର୍ତ୍ତମାନ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ଡିଜିଟାଇଜେଶନ୍ ଯୋଗୁ ଜବତ ଜିନିଷଗୁଡ଼ିକର ଉପଯୁକ୍ତ ଟ୍ରାକିଂ ଏବଂ ସେଗୁଡ଼ିକୁ କୋର୍ଟରେ ହାଜର କରାଇବା କ୍ଷେତ୍ରରେ ସୁଧାର ଅଣାଯାଇପାରିବ ବୋଲି ପୋଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି।

## ଗୁରୁଶିଷ୍ୟ ପରମ୍ପରା କାର୍ଯ୍ୟକ୍ରମ 'ଦୀକ୍ଷାଶାଳା' ଆରମ୍ଭ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ଓଡ଼ିଶୀ ନୃତ୍ୟକୁ ଧାରାବାହିକ ପ୍ରକ୍ରିୟାରେ ଗୁରୁ ପରମ୍ପରାକ୍ରମେ ପ୍ରାଚୀନରୁ ପ୍ରବୀଣ, ପ୍ରବୀଣରୁ ନବୀନ ଧାରାରେ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ଲକ୍ଷ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସୋମବାରଠାରୁ ଭର୍ଚୁଆଲରେ ଆରମ୍ଭ ହୋଇଛି 'ଦୀକ୍ଷାଶାଳା'। ଓଡ଼ିଶୀ ନୃତ୍ୟର କଳାକୌଶଳ ଓ ଶୁଦ୍ଧ ପରିବେଷଣ ଶୈଳୀ ଗୁରୁଙ୍କ ପାଖରୁ ଶିକ୍ଷାର୍ଥୀ ପାଖକୁ ଆସିଥାଏ। ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଶିକ୍ଷାର୍ଥୀ ଗୁରୁ ଭାବରେ ଶିକ୍ଷା ପ୍ରଦାନ କରିବାକୁ ସମର୍ଥ ହୁଏ। ଏହି ପ୍ରକ୍ରିୟାକୁ ରାଜ୍ୟର ସବୁ ଜିଲାରେ ଗତିଶୀଳ କରାଇବା ପାଇଁ ଏକାଡେମୀ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟେକ ଗୁରୁଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ଜିଲାର ଓଡ଼ିଶୀ ନୃତ୍ୟାନୁଷ୍ଠାନରୁ ସଂଯୋଜକଙ୍କ ଦ୍ୱାରା ୨୦ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ଓଡ଼ିଶୀ ନୃତ୍ୟର ଶିକ୍ଷା ପ୍ରଦାନ କରାଯିବ। ୭ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପର୍ଯ୍ୟାୟରେ ୬ଟି ଜିଲା ଚୟନ କରାଯାଇଥିଲା। କଟକ, ପୁରୀ, ବାଲେଶ୍ୱର, ଅନୁଗୋଳ, ଖୋର୍ଦ୍ଧା (ଭୁବନେଶ୍ୱର) ଓ ସୁନ୍ଦରଗଡ (ରାଉରକେଲା) ଜିଲା ପାଇଁ ଗୁରୁ ଭାବେ ଯଥାକ୍ରମେ ଦୁର୍ଗାଚରଣ ରଣବୀର, ଦୀପ୍ତି ରାଉତରାୟ, ଶିକତା ଦାସ, କସ୍ତୁରୀ ପଟ୍ଟନାୟକ, ମୀରା ଦାସ, ଯୁଧିଷ୍ଠିର ନାୟକ ଓ ସଂଯୋଜକଭାବେ ଯଥାକ୍ରମେ ମୀରା ଦାସ, ନାରାୟଣ ପାଣ୍ଡେ, ସୁଜାତା ମହାପାତ୍ର, ସ୍ୱପ୍ନାରାଣୀ ସିହ୍ନା, ମଧୁସ୍ମିତା ମହାନ୍ତି ଓ ପଙ୍କଜ ପ୍ରଧାନ ଏବଂ ଅଞ୍ଜନା ପାଣିଗ୍ରାହୀଙ୍କୁ ଚୟନ କରାଯାଇଛି।

## 'ସଂସ୍କୃତ ହେଉଛି ସବୁ ଭାଷାର ଜନନୀ'

**କଟକ ଅଫିସ,୨୩।୮:** ସଂସ୍କୃତ ହେଉଛି ସମସ୍ତ ଭାଷାର ଜନନୀ। ସମ୍ବିଧାନ ସ୍ୱୀକୃତ ଭାଷାର ପ୍ରଚାର ପ୍ରସାର ନିମନ୍ତେ ସାମାଜିକ ଯୁଦ୍ଧ କରିବା ଦୁର୍ଭାଗ୍ୟଜନକ। ଲୋକଭାଷା ପ୍ରଚାର ସମିତି ପକ୍ଷରୁ ବିଶ୍ୱ ସଂସ୍କୃତ ଦିବସ ଅବସରରେ ରବିବାର ଅନ୍‌ଲାଇନ ମାଧ୍ୟମରେ ଆୟୋଜିତ ସଭାରେ ନୂଆଦିଲ୍ଲୀସ୍ଥିତ ମୋତିଲାଲ ନେହେରୁ କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ଶ୍ରୀବତ୍ସ ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସମିତିର ଓଡ଼ିଶା ରାଜ୍ୟ ସଭାପତି ଡ. ବିପିନ ବିହାରୀ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ସଦାନନ୍ଦ ଦୀକ୍ଷିତ କହିଥିଲେ, ସଂସ୍କୃତକୁ ଲୋକଭାଷା କରିବା ନିମନ୍ତେ ସମିତି ପ୍ରତିଶ୍ରୁତିବଦ୍ଧ। ସେହିପରି ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା ଯୋଗଦେଇଥିଲେ। ସମିତିର ରାଜ୍ୟ ସଚିବ ନୀରଦ ଚନ୍ଦ୍ର ଆର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା ଓ ପଣ୍ଡିତ ଅରୁଣ କୁମାର ତ୍ରିପାଠୀ ବେଦପାଠ କରିଥିଲେ। କ୍ଷିତୀଶ ଭୂୟାଁ ଧନ୍ୟବାଦ ଦେଇଥିଲେ। ସେହିପରି ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ ଏବଂ ସଂସ୍କୃତ ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅନ୍‌ଲାଇନ୍‌ରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ସଂସ୍କୃତର ଲୋକପ୍ରିୟତା ହ୍ରାସ ଦୁର୍ଭାଗ୍ୟଜନକ। ଏହାର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବିହାରସ୍ଥିତ ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଡ. କାଳୀପ୍ରସନ୍ନ ଶତପଥୀ, ବିଭୂତି ଭୂଷଣ କର ଓ ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବିତା ଆଚାର୍ଯ୍ୟ, କାତ୍ୟାୟନୀ ଆଚାର୍ଯ୍ୟ, ମନୋରଞ୍ଜନ ମିଶ୍ର, ପ୍ରେମାନନ୍ଦ ନାଥ, ପ୍ରିୟବ୍ରତ କର ଓ ମନୋସ୍ୱିନୀ ବେହେରା ପ୍ରମୁଖ ଯୋଗଦେଇଥିଲେ । ସଂସ୍କୃତ ସାହିତ୍ୟ ଏକାଡେମୀର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ରଥ ଧନ୍ୟବାଦ ଦେଇଥିଲେ।

# ସାହସ ଦେଖାଇଲେ ମହିଳା ପାଇକ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)



ଖୋର୍ଦ୍ଧାର ମହିଳାମାନେ ପାଇକ ଆଖଡା ପ୍ରଦର୍ଶନ କରୁଛନ୍ତି।

**'ଆମ ଲୋକକଳା ଆମ ସଂସ୍କୃତି'**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ ଦେଶବ୍ୟାପୀ ଆୟୋଜିତ ହେଉଥିବା ଆଜାଦି କା ଅମୃତ ମହୋତ୍ସବକୁ ସ୍ମରଣୀୟ କରିବା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଖୋର୍ଦ୍ଧାର ମହିଳା ପାଇକ ଆଖଡା ଓ ମୟୂରଭଞ୍ଜର ଛଉ ନୃତ୍ୟ କଳାକାରଙ୍କ ଦ୍ୱାରା ପରିବେଷିତ କାର୍ଯ୍ୟକ୍ରମ ବେଶ୍ ମନଲୋଭା ହୋଇଥିଲା। ଜୟୀରାଜଗୁରୁଙ୍କ ଉପରେ ପରିବେଷଣ ସମୟରେ ମହିଳା ପାଇକମାନେ ସାହସ ଦେଖାଇଥିଲେ। କୋଭିଡ୍-୧୯ ନିୟମକୁ ମାନି ସ୍ୱଳ୍ପ ଦର୍ଶକଙ୍କୁ ନେଇ ଏହା ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଘରେ ବସି ଅନେକ ଦର୍ଶକ ବିଭାଗର ଅଫିସିଆଲ ଫେସବୁକ୍ ପେଜ୍ ଓ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଦେଖିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସ୍ୱତନ୍ତ୍ର ଶାସନ ସଚିବ ରାମକୃଷ୍ଣ ସାହୁ ଓ ରାଜ୍ୟ କଳାକାର ମହାସଂଘ ଉପସଭାପତି ଅବନୀ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଷୋୟୀ ଧନ୍ୟବାଦ ଦେବାସହ ଦେଶର ସ୍ୱାଧୀନତା ପ୍ରାପ୍ତି ପାଇଁ ବଳିଦାନ ଦେଇଥିବା ସମସ୍ତ ବରପୁତ୍ରଙ୍କ ସ୍ମୃତି ଚାରଣ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟର ପ୍ରଲୁପ୍ତ ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ ପ୍ରତି ମାସର ଗୋଟିଏ ଦିନ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

# ସମସ୍ୟା ଘେରରେ ପ୍ୟାରୀମୋହନ ଏକାଡେମୀ




କଟକ ଅଫିସ, ୨୩।୮

ଐତିହ୍ୟ ସହର କଟକରେ ରହିଛି ଅନେକ ପୁରାତନ ଶିକ୍ଷାନୁଷ୍ଠାନ। ସେଥିମଧ୍ୟରୁ ଦରଘା ବଜାରସ୍ଥିତ ପ୍ୟାରୀମୋହନ ଏକାଡେମୀ ସ୍କୁଲ ଅନ୍ୟତମ। ତେବେ ଏହା ବର୍ତ୍ତମାନ ବିଭିନ୍ନ ସମସ୍ୟା ଘେରରେ ଚାଲିଛି। ଏହି ବିଦ୍ୟାଳୟରେ ୪ର୍ଥରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୩୧ ଛାତ୍ରୀଛାତ୍ର ପଢୁଛନ୍ତି। ଶିକ୍ଷାଦାନ ପାଇଁ ମାତ୍ର ୧୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଅନେକ ପଦବୀ ଖାଲି ପଡ଼ିଛି। ସେହିଭଳି କିରାଣି କି ଜଗୁଆଳି ନାହାନ୍ତି। ବିଦ୍ୟାଳୟ କୋଠା ପୁରୁଣା ହୋଇଯାଇଥିବାରୁ ବର୍ଷା ହେଲେ ଛାତରୁ ପାଣି ଗଳୁଥିବାବେଳେ ଖେଳପଡ଼ିଆରେ ପାଣି ଜମୁଛି। ବିଦ୍ୟାଳୟ ପରିସରସ୍ଥ ଅଡିଟୋରିୟମ ପୁନରୁଦ୍ଧାର ପାଇଁ ଯୋଜନା ହୋଇଥିଲା। କିନ୍ତୁ ଏହା କାଗଜପତ୍ରରେ ସୀମିତ ରହିଛି। ରାତ୍ରି ହେଲେ ଉକ୍ତ ସ୍ଥାନରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଦୀର୍ଘବର୍ଷ ହେବ ଏଭଳି ସମସ୍ୟା ଲାଗିରହିଥିଲେ ବି ପଦକ୍ଷେପ ନିଆଯାଉ ନ ଥିବା ଛାତ୍ରୀଛାତ୍ର ଏବଂ ଅଭିଭାବକ ଅଭିଯୋଗ କରିଛନ୍ତି।

- ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି
- ବର୍ଷା ହେଲେ ଛାତରୁ ଗଳୁଛି ପାଣି



"ବାପାଙ୍କ ଦୃଢ଼ ନିଷ୍ପତ୍ତି ଓ ନିର୍ଭୀକ ପ୍ରତିଶ୍ରୁତି ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରେ। ସ୍କୁଲ ଘର କାହିଁକି ନବୀକରଣ କିମ୍ବା ମରାମତି କରାଯାଉନାହିଁ ତାହା ବୁଝାପଡୁନାହିଁ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅନେକ ଥର ଅଭିଯୋଗ ଜଣାଇଛୁ। ହେଲେ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଦିନକୁ ଦିନ ବିଦ୍ୟାଳୟ ଅବସ୍ଥା ଶୋଚନୀୟ ହେବାରେ ଲାଗିଛି।

—ସରୋଜ କର, ସ୍ଥାନୀୟ ବାସିନ୍ଦା

"ସ୍କୁଲର ବିଭିନ୍ନ ସମସ୍ୟା ନେଇ ଆମେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଛୁ। ଖୁବ୍‌ଶୀଘ୍ର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି।

-ବିଭୂତି ଭୂଷଣ ବେହେରା, ପ୍ରଧାନ ଶିକ୍ଷକ, ପ୍ୟାରୀମୋହନ ଏକାଡେମୀ



"ମୁଁ ଏ ବିଷୟରେ ଅବଗତ ଅଛି। ତେବେ ଗତ ଦୁଇ ବର୍ଷ ହେବ ସରକାରଙ୍କ ପକ୍ଷରୁ ଶିକ୍ଷକ ନିଯୁକ୍ତି ବନ୍ଦ ରହିଥିଲା। କିଛିଦିନ ହେବ ପୁନଃ ନିଯୁକ୍ତି ଆରମ୍ଭ ହୋଇଛି। ଆଗାମୀ ଦିନରେ ଉକ୍ତ ସ୍କୁଲରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଯିବ।

-କୃଷ୍ଣଚନ୍ଦ୍ର ନାୟକ, ଜିଲା ଶିକ୍ଷାଧିକାରୀ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରତାପ



@ ଅଜୟ



@ ରୋମା



@ ସଞ୍ଜିତ୍



@ ଇନ୍ଦ୍ରମଣି



@ ସୂର୍ଯ୍ୟ

# ଖୋର୍ଦ୍ଧାରେ ଭିଗାର୍ଡର ୬ଷ୍ଠ ଶୋ'ରୁମ୍ ଲୋକାର୍ପିତ



ଭୁବନେଶ୍ୱର,୨୩।୮

ଦେଶର ପ୍ରମୁଖ ଗୃହ ଉପକରଣ ଓ ବିଦ୍ୟୁତ୍ ସରଞ୍ଜାମ କମ୍ପାନୀ ଭିଗାର୍ଡ ରାଜ୍ୟରେ ୬ଷ୍ଠ ଶୋ'ରୁମ୍ ଗ୍ରାହକଙ୍କ ପାଇଁ ଲୋକାର୍ପିତ କରିଛି। ଏହା ସ୍ଥାନୀୟ ଖୋର୍ଦ୍ଧା ଟାଉନ ଛକ ନିକଟରେ ବିଜୟଲକ୍ଷ୍ମୀ ଇଲେକ୍ଟ୍ରିକାଲ ପ୍ରତିଷ୍ଠାନ ସହାୟତାରେ ଏହି ନୂତନ ଶୋ'ରୁମ୍‌ଟି ସହରବାସୀଙ୍କ ପାଇଁ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଭିଗାର୍ଡର ରାଜ୍ୟ ଶାଖା ପରିଚାଳକ ସୁମନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ନୂତନ ଶୋ'ରୁମ୍ ଜରିଆରେ ଖୋର୍ଦ୍ଧା ଜିଲାର ବାସିନ୍ଦା ସେମାନଙ୍କର ଆବଶ୍ୟକତା ପୂରଣ ସହ କମ୍ପାନୀ ଗୁଣାତ୍ମକ ସାମଗ୍ରୀ ଓ ସେବାର ଲାଭ ଉଠାଇପାରିବେ ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୋ'ରୁମ୍ ସ୍ୱତ୍ୱାଧିକାରୀ ବିଜୟ କୁମାର ସାହୁଙ୍କ ସମେତ ଭିଗାର୍ଡର ବରିଷ୍ଠ ଅଧିକାରୀ ସୌମେନ୍ଦ୍ର କୁମାର ରାଉତ, ଶରତ ସାହୁ, ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହା ପୂର୍ବରୁ କମ୍ପାନୀ ଭୁବନେଶ୍ୱରରେ ୩ଟି ଏବଂ ଗଞ୍ଜାମ ଓ ବୌଦ୍ଧରେ ଗୋଟିଏ ଲେଖାଏଁ ଶୋ'ରୁମ୍ ରହିଛି। ଏହା ଜରିଆରେ ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ସବୁ ବର୍ଗର ଗୃହ ଉପକରଣ ଯୋଗାଇ ଦିଆଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଅପହରଣ

ବାରଙ୍ଗ,୨୩।୮(ଡି.ଏନ୍.ଏ.): ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସୋମବାର ମଧ୍ୟାହ୍ନ ୧୨ଟା ବେଳେ ଦୁଇ ଭାଇଙ୍କୁ ମାଡ ମାରି ଜଣକୁ ଅପହରଣ କରି ଟଙ୍କା ମାଗିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ୨ ଯୁବକଙ୍କ ସହ ତାଙ୍କର ୪ଜଣ ସହଯୋଗୀଙ୍କୁ ଥାନାରେ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ରଘୁନାଥପୁର ଗ୍ରାମର ରୋହନ ପାଣି ଭାଇ ରଞ୍ଜିତକୁ ବାଇକ୍ ଯୋଗେ ବାରଙ୍ଗ କଲେଜକୁ ଛାଡିବାକୁ ଯାଇଥିଲେ। ଏହି ସମୟରେ ଦାରୁଠେଙ୍ଗ ଗ୍ରାମର ୨୦ଜଣ ଯୁବକ ଖଣ୍ଡା, ଭୁଜାଲି ହାତରେ ଧରି ରଞ୍ଜିତଙ୍କୁ ଆକ୍ରମଣ କରିଥିଲେ। ରୋହନ ବିରୋଧ କରିବାରୁ ବେକରେ ଭୁଜାଲି ଲଗାଇ ଧମକ ଦେଇଥିଲେ।। ପରେ ରଞ୍ଜିତକୁ ସେମାନେ ଅପହରଣ କରି ନେଇଥିଲେ। ୧୫ମିନିଟ ପରେ ରଞ୍ଜିତ ଫୋନରୁ କଲ କରି ୫୦ହଜାର ଟଙ୍କା ଦେଲେ ରଞ୍ଜିତଙ୍କୁ ଛାଡ଼ିବା ପାଇଁ ସେମାନେ ରୋହନକୁ କହିଥିଲେ। ଏ ନେଇ ରୋହନ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ଫୋନ ଟ୍ରାକିଂ କରି ରଞ୍ଜିତଙ୍କୁ ଦାରୁଠେଙ୍ଗ ଅଞ୍ଚଳରେ ଖୋଜାଖୋଜି କରୁଥିଲେ। ପରେ ଅପହରଣକାରୀମାନେ ରଞ୍ଜିତଙ୍କୁ ଛାଡି ଦେଇଥିଲେ ବୋଲି ରୋହନ ପୋଲିସକୁ ଜଣାଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଉଭୟ ଗ୍ରାମର ଭଦ୍ରବ୍ୟକ୍ତି ଆପୋସ ସମାଧାନ ପାଇଁ ଥାନାରେ ଉଭୟ ପକ୍ଷଙ୍କୁ ବୁଝାଶୁଝା କରୁଥିବା ନନ୍ଦନକାନନ ଥାନାଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

### ୩୧ ଅଗଷ୍ଟ ଯାଏ ଟ୍ରେନ ବାତିଲ

ଭୁବନେଶ୍ୱର,୨୩।୮: ପୂର୍ବତଟ ରେଳପଥ ପକ୍ଷରୁ ବହୁ ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ୍‌କୁ ଅଗଷ୍ଟ ୨୩ ରୁ ୩୧ ପର୍ଯ୍ୟନ୍ତ ବାତିଲ୍ ଓ ଆଂଶିକ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଟ୍ରେନ୍‌ଗୁଡ଼ିକ ହେଲା ପୁରୀ-କଟକ-ପୁରୀ ବିଶେଷ ଟ୍ରେନ, ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ବିଶେଷ ଟ୍ରେନ, ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ, କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ, କଟକ-ପାରାଦୀପ-କଟକ ବିଶେଷ ଟ୍ରେନ ଏବଂ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ। ସେହିପରି ୨୮ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ବାତିଲ ଥିବା ଟ୍ରେନ୍ ଗୁଡିକ ହେଉଛି ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ,ଭୁବନେଶ୍ୱର-ପାଲାସା-ଭୁବନେଶ୍ୱର ବିଶେଷ ଟ୍ରେନ,ଭୁବନେଶ୍ୱର-ବାଙ୍ଗିରିପୋସି-ଭୁବନେଶ୍ୱର ବିଶେଷ ଟ୍ରେନ, ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ବିଶେଷ ଟ୍ରେନ, ପୁରୀ-ପାରାଦୀପ-ପୁରୀ ବିଶେଷ ଟ୍ରେନ ଓ ପୁରୀ-ଗୁଣୁପୁର-ପୁରୀ ବିଶେଷ। ପୁରୀ-ଅନୁଗୁଳ ବିଶେଷ ଟ୍ରେନ ଆଂଶିକ ବାତିଲ ରହିଛି। ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ ଉଭୟ ଦିଗରୁ ୨୩ରୁ ୨୭ ତାରିଖ ଏବଂ ୩୧ ଅଗଷ୍ଟ ଦିନ ତାଳଚେର ଓ ଅନୁଗୁଳ ମଧରେ ବାତିଲ୍ ରହିବ ଏବଂ ଉଭୟ ଦିଗରୁ ତାଳଚେର ଏବଂ ପୁରୀ ମଧରେ ଚଳାଚଳ କରିବ ବୋଲି ସୂଚନା ମିଳିଛି। ଭୁବନେଶ୍ୱର-କେନ୍ଦୁଝରଗଡ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ୨୩ରୁ ୨୭ ତାରିଖ ଏବଂ ୩୧ ଅଗଷ୍ଟରେ ଉଭୟ ଦିଗରୁ ପୁନଃପ୍ରଚଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହିସବୁ ସ୍ୱତନ୍ତ୍ର ଟ୍ରେନ୍ ସେବାକୁ ହ୍ରାସ କରାଯାଇଥିଲା। ଯାତ୍ରୀ ସଂରକ୍ଷଣ ପ୍ରଣାଳୀ କେନ୍ଦ୍ର ଗୁଡିକ ରାତ୍ରି ୮ ଘଟିକା ପର୍ଯ୍ୟନ୍ତ ଖୋଲା ରଖିବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ, ୩ ଜେଲ ଗଲେ

ଭୁବନେଶ୍ୱର,୨୩।୮(ବ୍ୟୁରୋ): ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବମିଖାଲସ୍ଥିତ ବସନ୍ତ ଭିଲ୍ଲାରେ ଗାଡ଼ି ପାର୍କିଂକୁ ନେଇ ସିକ୍ୟୁରିଟି ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ସବ୍ୟସାଚୀ ସୁବ୍ରତ(୫୨), ଅରୁଣ ବେହେରା(୪୪) ଓ ଶିଳାଦିତ୍ୟ ପଟ୍ଟନାୟକ(୪୦)। ସୂଚନା ଅନୁଯାୟୀ, ଆପାର୍ଟମେଣ୍ଟର 'ଏ' ବ୍ଲକକୁ ନାରାୟଣ ପାତ୍ର କିଣି ତାଙ୍କ ପରିବାର ସହ ରହୁଛନ୍ତି। ସେଠାରେ କଟକ ଜିଲା ଜଗତପୁର ଥାନା ଶଙ୍ଖମୂଳ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରହଲ୍ଲାଦ ପ୍ରଧାନ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ରବିବାର ଦିନ ପ୍ରାୟ ଗୋଟାଏରେ ସେ ଡ୍ୟୁଟି କରୁଥିବା ସମୟରେ 'ବି' ବ୍ଲକର ସବ୍ୟସାଚୀ ସେଠାରେ ବାଇକ ପାର୍କିଙ୍ଗ କରିବାରୁ ଏହାକୁ ପ୍ରହଲ୍ଲାଦ ବାରଣ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସବ୍ୟସାଚୀ ଦୁଇ ସହଯୋଗୀ ଶିଳାଦୈତ୍ୟ ଓ ଅରୁଣଙ୍କ ସହ ମିଶି ପ୍ରହଲ୍ଲାଦଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୭୨/୨୧)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୨ହଜାର ମୁହାଁ ଡେଙ୍ଗୁ ସଂକ୍ରମଣ

## ଆଶଙ୍କାରେ ଭୁବନେଶ୍ୱରବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା



ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ଏବେ ବି ରାଜଧାନୀରେ କରୋନା ସଂକ୍ରମଣ ଜାରି ରହିଥିବାବେଳେ ଡେଙ୍ଗୁ ଚିନ୍ତା ବଢ଼ାଇଛି। ରାଜ୍ୟରେ ଡେଙ୍ଗୁ ରୋଗୀ ସଂଖ୍ୟା ୨ହଜାର ପାର କରି ଥିବାବେଳେ କେବଳ ଭୁବନେଶ୍ୱରରେ ୧୭୮୧ଜଣ ସଂକ୍ରମିତ ହୋଇଛନ୍ତି। ଦିନକୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ରୋଗୀ ଚିହ୍ନଟ ହେଉଥିବାବେଳେ ମଙ୍ଗଳବାର ସହରରୁ ଆଉ ୫୧ ରୋଗୀ ବାହାରିଛନ୍ତି। ସଂକ୍ରମଣ ୨ହଜାର ମୁହାଁ ହେଉଥିବାରୁ ଭୁବନେଶ୍ୱରବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ତଥ୍ୟ ଅନୁଯାୟୀ ଜାନୁୟାରୀରୁ ଜୁନ୍ ୨୯ ଭିତରେ ସହରରୁ ମାତ୍ର ୧୦ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଥିଲେ। ଜୁଲାଇ ଆରମ୍ଭରୁ ଚନ୍ଦ୍ରଶେଖରପୁର, ନୀଳାଦ୍ରିବିହାର, ଶୈଳଶ୍ରୀ ବିହାର, ନୟାପଲ୍ଲୀ, କଳ୍ପନା, ୟୁନିଟ୍-୨ ଆଦି ଅଞ୍ଚଳର ଘରେ ଘରେ ଡେଙ୍ଗୁ ରୋଗୀ ବାହାରିଥିଲେ। ମାତ୍ର କେଇଟା ଦିନରେ ସଂକ୍ରମଣ ପୂରା ସହରକୁ ବ୍ୟାପିଯାଇଥିଲା।

ଫଳରେ ଜୁନ୍ ୨୯ରୁ ଜୁଲାଇ ୩୧ ମଧ୍ୟରେ ୫୬୩ଜଣ ରୋଗୀ ଚିହ୍ନଟ ହୋଇଥିଲେ। ତେବେ ମାସେ ନ ପୂରୁଣୁ ଅଗଷ୍ଟ ୨୩ସୁଦ୍ଧା ଏହି ସଂଖ୍ୟା ୧୭୮୧ରେ ପହଞ୍ଚିଛି। କେବଳ ଶେଷ ୨୩ ଦିନରେ ସହରରୁ ୧୨୧୮ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ସରକାରୀ ହସ୍ପିଟାଲ ବ୍ୟତୀତ ବିଭିନ୍ନ ଘରୋଇ ହସ୍ପିଟାଲରେ ଟେଷ୍ଟ ହେବା ସହ ସେଠାରେ ମଧ ବହୁ ରୋଗୀ ଚିକିତ୍ସିତ ହେଉଥିବାରୁ ବାସ୍ତବ ରୋଗୀଙ୍କ ସଂଖ୍ୟା ବହୁ ଅଧିକ ହେବ ବୋଲି କୁହାଯାଉଛି। ତେବେ ଏ ପରିସ୍ଥିତି ପାଇଁ ବିଏମ୍‌ସିର ବିଳମ୍ବ ପଦକ୍ଷେପକୁ ଦାୟୀ କରାଯାଉଛି। ଏବେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହିତ ସଫେଇ, ମଶାତେଲ ସଞ୍ଚନ, ସଚେତନତା ରଥ ଗଡାଇବା, ଦୈନିକ ଲାର୍ଭା ଚିହ୍ନଟ କରି ନଷ୍ଟ କରିବା ଆଦି ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ସୁଦ୍ଧା ସ୍ଥିତି ନିୟନ୍ତ୍ରଣାଧୀନ ହୋଇ ପାରୁନାହିଁ।

### କ୍ୟାପିଟାଲ ହସ୍ପିଟାଲ: ୫୦% ରିପୋର୍ଟ ପଜିଟିଭ୍

କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁଙ୍କ ସୂଚନା ମୁତାବକ, ପ୍ରତିଦିନ ପ୍ରାୟ ୧୫୦ଜଣଙ୍କର ଟେଷ୍ଟ କରାଯାଉଛି। ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ରିପୋର୍ଟ ପଜିଟିଭ୍ ଆସୁଛି। ହସ୍ପିଟାଲରେ ଏବେ ୬୦ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ପ୍ରତିଦିନ ୧୦ରୁ ୧୫ଜଣ ରୋଗୀଙ୍କର ଆଡ୍‌ମିଶନ ହେଉଥିବାବେଳେ ଆଉକେତେଜଣ ଅନ୍ୟ ହସ୍ପିଟାଲ ଓ ଘରେ ରହି ଚିକିତ୍ସିତ ହେଉଛନ୍ତି। ହସ୍ପିଟାଲରେ ଏବେ ଡେଙ୍ଗୁ ରୋଗୀଙ୍କ ପାଇଁ ୧୦୦ଟି ବେଡ୍ ରହିଛି। ତେବେ ପୂର୍ବାପେକ୍ଷା ସ୍ଥିତି ବିଗୁଡୁଥିବାରୁ ଏବେଠାରୁ ସଚେତନ ଓ ସତର୍କ ରହିବା ପାଇଁ ଡା. ସାହୁ ପରାମର୍ଶ ଦେଇଛନ୍ତି। ନିୟମିତ ମଶାରୀ ଟାଣି ଶୋଇବା, ନିଜ ଆଖପାଖ ପରିବେଶକୁ ସଫାସୁତୁରା ରଖିବା, ପାଣି ଜମିବା ପାଇଁ ନ ଦେବା ସହ ସରକାରଙ୍କ କଥା ମାନି ତାଙ୍କ ସହ ତାଳ ଦେଇ ଚାଲାଇବା ନିହାତି ଆବଶ୍ୟକ। ସରକାର ନିଜର ଦାୟିତ୍ୱ ତୁଲାଉଛନ୍ତି। ନିଜେ ମଧ ନିଜର ଦାୟିତ୍ୱ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଗଳ୍ପ ସଂକଳନ 'ଶେଷ ଠିକଣା' ଉନ୍ମୋଚିତ




କାର୍ଯ୍ୟକ୍ରମରେ ଅତିଥିମାନେ ଗଳ୍ପ ସଂକଳନ 'ଶେଷ ଠିକଣା'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

ଶିକ୍ଷାବିତ୍ ଅଳକା ମହାନ୍ତିଙ୍କ ପ୍ରଥମ ଗଳ୍ପ ସଂକଳନ 'ଶେଷ ଠିକଣା' ସୋମବାର ବୁଦ୍ଧମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। କଥାଶିଳ୍ପୀ ବନଜ ଦେବୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଗାଳ୍ପିକ ବିଜୟ ନାୟକ ମୁଖ୍ୟ ଅତିଥି, ସ୍ତମ୍ଭକାର ହର ପ୍ରସନ୍ନ ଦାସ ମୁଖ୍ୟବକ୍ତା, କବି ନିରାକାର ଦାସ ସମ୍ମାନିତ ଅତିଥି, କଣ୍ଠଶିଳ୍ପୀ ତୃପ୍ତି ଦାସ, ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସମ୍ମାନିତ ବକ୍ତା ଓ ଗାଳ୍ପିକ ଅମରେଶ ବିଶ୍ୱାଳ ସମୀକ୍ଷକ ଭାବେ ଯୋଗଦେଇଥିଲେ। ଅତିଥିମାନେ ପୁସ୍ତକର ଭାବ ଓ ଭାଷା, ଚରିତ୍ର ଚିତ୍ରଣର ଚମତ୍କାରିତା ଉପରେ ବକ୍ତବ୍ୟ ରଖିବା ସହ ଗାଳ୍ପିକା ଆମ କଥା ସାହିତ୍ୟକୁ ଆହୁରି ଋଦ୍ଧିମନ୍ତ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ଲେଖକୀୟ ବକ୍ତବ୍ୟ ପ୍ରଦାନ କରି ଅଳକା କହିଲେ, ଗଣିତ ଓ ବିଜ୍ଞାନକୁ ବୃତ୍ତିରେ ଗ୍ରହଣ କରିଥିଲେ ବି ଭାଷା ଓ ସାହିତ୍ୟକୁ ସର୍ବଦା ପ୍ରାଣଭରି ଭଲପାଉଛନ୍ତି। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ମହାନ୍ତି ସଂଯୋଜନା ଓ ମଧୁମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱରର ଟଙ୍କପାଣି ରୋଡ୍‌ର ନାମ ପରିବର୍ତ୍ତନକୁ ବିରୋଧ କରି ସ୍ଥାନୀୟ ଲୋକେ ଦୟା ୱେଷ୍ଟ କେନାଲ ବ୍ରିଜ ଉପରେ ରାସ୍ତାରୋକୋ କରିଛନ୍ତି।

## ଆଜିଠାରୁ ବର୍ଷବ୍ୟାପୀ ହୀରକ ଜୟନ୍ତୀ ପାଳିବ ଓୟୁଏଟି

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

୧୯୬୨ ଅଗଷ୍ଟ ୨୪ରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ହୀରକ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିସହ ବର୍ଷବ୍ୟାପୀ ଜୟନ୍ତୀ ପାଳନ କରାଯିବ। ଏହି ଉପଲକ୍ଷେ ବର୍ଷସାରା ବକ୍ତୃତାମାଳା, କୃଷକ ମେଳା, କୃଷି ଉଦ୍ୟୋଗୀ ସମାବେଶ, କୃଷି ପ୍ରଦର୍ଶନୀ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏ ନେଇ ସୋମବାର ଓୟୁଏଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳପତି ପଓ୍ୱନ କୁମାର ଅଗ୍ରୱାଲ ସୂଚନା ଦେଇଛନ୍ତି। ହୀରକ ଜୟନ୍ତୀ ବର୍ଷ ପାଳନ ଅବସରରେ ଭୁବନେଶ୍ୱର ଓ ଅନ୍ୟାନ୍ୟ କେନ୍ଦ୍ରଗୁଡ଼ିକରେ ବହୁବିଧ କାର୍ଯ୍ୟକ୍ରମ ହାତକୁ ନେବାର ଯୋଜନା ରହିଛି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକଙ୍କ ଦ୍ୱାରା ବକ୍ତୃତାମାଳା, କୃଷକ ସମାବେଶ, ବିଶ୍ୱବିଦ୍ୟାଳୟରୁ ବିକଶିତ ଜ୍ଞାନକୌଶଳ ପ୍ରଦର୍ଶନ ପାଇଁ କୃଷି ପ୍ରଦର୍ଶନୀ, ଶିକ୍ଷକ-କୃଷି ଉଦ୍ୟୋଗୀ ଭାବ ବିନିମୟ କାର୍ଯ୍ୟକ୍ରମ,




ଖବରଦାତା ସମ୍ମିଳନୀରେ ଓୟୁଏଟି କୁଳପତି ପଓ୍ୱନ କୁମାର ଅଗ୍ରୱାଲ ହୀରକ ଜୟନ୍ତୀ ପାଳନ ନେଇ ସୂଚନା ଦେଉଛନ୍ତି।

ଛାତ୍ରୀଛାତ୍ର-ଶିଳ୍ପ ଜଗତ ସହିତ ଭାବର ଆଦାନ ପ୍ରଦାନ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି କୁଳପତି ଅଗ୍ରୱାଲ କହିଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ଅଧୀନରେ ୧୦ କୃଷି ମହାବିଦ୍ୟାଳୟ, ଗୋଟିଏ ସ୍ନାତକୋତ୍ତର ଶିକ୍ଷା କେନ୍ଦ୍ର ଓ ୧୦ ଆଗ୍ରୋପଲିଟେକନିକ କେନ୍ଦ୍ର ମାଧ୍ୟମରେ କୃଷି ବିଜ୍ଞାନ, ଉଦ୍ୟାନ ବିଜ୍ଞାନ, ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ, ମତ୍ସ୍ୟ ବିଜ୍ଞାନ, ବନ ବିଜ୍ଞାନ, କୃଷି ଯାନ୍ତ୍ରିକୀକରଣ, ଗୃହବିଜ୍ଞାନ, ମୌଳିକ ବିଜ୍ଞାନ, ଏଗ୍ରି-ବିଜ୍‌ନେସ୍ ମ୍ୟାନେଜମେଣ୍ଟ ଏବଂ ବାୟୋ-ଇନଫର୍‌ମେଟିକ୍ସ ବିଷୟରେ ଉଚ୍ଚତର ଶିକ୍ଷା ପ୍ରଦାନ କରାଯାଉଛି। ରାଜ୍ୟର ବିଭିନ୍ନ ଜଳବାୟୁ ମଣ୍ଡଳରେ ରହିଥିବା ୮ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ପ୍ରସାରଣ କେନ୍ଦ୍ର, ୪ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ପ୍ରସାରଣ ଉପକେନ୍ଦ୍ର, ୭ ଦ୍ରବ୍ୟଭିତ୍ତିକ ଗବେଷଣା କେନ୍ଦ୍ର ଏବଂ ୫୨ ସର୍ବଭାରତୀୟ ସଂଯୋଜିତ ପ୍ରକଳ୍ପ ମାଧ୍ୟମରେ ଗବେଷଣା କାର୍ଯ୍ୟ ଚାଲୁ ରହିଛି। କୃଷିକ୍ଷେତ୍ରରେ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ୩୧ କୃଷି ବିଜ୍ଞାନ କେନ୍ଦ୍ର ଓ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଚାଲୁ ରହିଛି।

## ଟଙ୍କପାଣି ରୋଡ୍‌ର ନାମ ପରିବର୍ତ୍ତନକୁ ବିରୋଧ

### ସ୍ଥାନୀୟ ଅଞ୍ଚଳବାସୀଙ୍କ ରାସ୍ତାରୋକୋ, ପ୍ରତିବାଦ ସଭା

ପୁରୁଣା ଭୁବନେଶ୍ୱର, ୨୩।୮(ଡି.ଏନ୍.ଏ.)

ରାଜଧାନୀର ପୁରାତନ ଟଙ୍କପାଣି ରୋଡ୍‌ର ନାମ ପରିବର୍ତ୍ତନ କରାଯାଇ ଶହୀଦ ଦିବାକର ମାର୍ଗ ଦିଆଯାଇଛି। ଏହି ନୂତନ ନାମକୁ ବିରୋଧ କରି ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଅଞ୍ଚଳବାସୀ ଦୟା ୱେଷ୍ଟ କେନାଲ ବ୍ରିଜ ଉପରେ ରାସ୍ତାରୋକୋ କରିବା ସହ ପ୍ରତିବାଦ ସଭା କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଟଙ୍କପାଣି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଟଙ୍କପାଣିଙ୍କ ନାମାନୁସାରେ ଉକ୍ତ ରାସ୍ତାର ନାମ ଟଙ୍କପାଣି ରୋଡ ରହିଥିଲା। ଏହି ରାସ୍ତା ବ୍ରହ୍ମେଶ୍ୱର, ବଡ଼ଗଡ଼, ବାସୁଆଘାଇ ଓ ବାଙ୍କୁଆଳ ପଞ୍ଚାୟତ, ରାଜାରାଣୀ ନଗର, ରତ୍ନାକର ବାଗ, ଶିବନଗର ଆଦି ଅଞ୍ଚଳକୁ ସଂଯୋଗ କରୁଛି। ଶହୀଦ ଦିବାକରଙ୍କ ପ୍ରତି ସମ୍ମାନ ରହିଛି। ସହରର ଅନ୍ୟ କେଉଁ ରାସ୍ତାକୁ ତାଙ୍କ ନାମରେ ନାମିତ କରାଯାଉ ବୋଲି ଟଙ୍କପାଣି ରୋଡ ସାର୍ବଜନୀନ ଦୁର୍ଗାପୂଜା କମିଟିର ସଭାପତି ଗୋଲକ ଦାସ କହିଛନ୍ତି। ସ୍ମାର୍ଟସିଟି ନାଁରେ ଏଭଳି ନାମ ପରିବର୍ତ୍ତନ ଗ୍ରାମବାସୀଙ୍କ ଭାବନାକୁ ଆଘାତ ଦେଇଛି। ନୂତନ ନାମକୁ ପରିବର୍ତ୍ତନ ନ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ ଯୋରଦାର କରାଯିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଖବରପାଇ କମିଶନରେଟ ପୋଲିସର ଜୋନ-୪ ଏସିପି ରଜତ ରାୟ, ବଡ଼ଗଡ଼ ଥାନା ଓ ଲକ୍ଷ୍ମୀସାଗର ଥାନା ଆଇଆଇସି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୭ଦିନ ମଧ୍ୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଜ୍ୟୋତିଷ୍ମର ପଟ୍ଟନାୟକ, ସଞ୍ଜୀବ କର, ପୁପୁନ୍ ଭଦ୍ର, ବିଶ୍ୱନାଥ ପଣ୍ଡା, ତାପସ ଦାସ, ଲକ୍ଷ୍ମୀଧର ପଣ୍ଡାଙ୍କ ସମେତ ବ୍ରହ୍ମେଶ୍ୱରପାଟଣା ଗ୍ରାମବାସୀ, ମା' ଟଙ୍କପାଣି ରୋଡ ବ୍ୟବସାୟୀ ସଂଘ, ଟଙ୍କପାଣି ଗାଁ, ଜଗନ୍ନାଥ କଲୋନୀ, ରାଜାରାଣୀ କଲୋନୀ, ରତ୍ନାକର ବାଗର ଅନେକ ଲୋକ ରାସ୍ତାରୋକୋରେ ସାମିଲ ହୋଇଥିଲେ।

## ଫାର୍ମ ହାଉସରୁ ଚୋରି, ୪ ଗିରଫ

ଫୁଲନଖରା,୨୩।୮(ଡି.ଏନ୍.ଏ.)

ଫାର୍ମ ହାଉସରୁ ଚୋରି ଅଭିଯୋଗରେ ସୋମବାର କଟକ ସଦର ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସାଇନ୍ଦା ଗ୍ରାମର ଶୁଭଙ୍କର ଭୋଇ, ପିଣ୍ଟୁ ଭୋଇ, ସଞ୍ଜୟ ଭୋଇ, ତ୍ରିଲୋଚନ ଦାସ। ପୋଲିସ ସେମାନଙ୍କଠାରୁ ଚୋରି ହୋଇଥିବା ୩ଟି ପାଣି କଳ, ୭ଟି ସିଲଂ ଫ୍ୟାନ ଓ ଏକ କେବୁଲ ତାର ଜବତ କରିଛି। ଏ ନେଇ ଏକ ମାମଲା(ନଂ.୪୮୫/୨୧) ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ସଦର ଥାନା ଅନ୍ତର୍ଗତ ଖଣ୍ଡେଏତା ଗ୍ରାମର ଅଶୋକ କୁମାର ସାହୁଙ୍କ ଫାର୍ମ ହାଉସରେ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ପଶି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିଲେ। ଅଶୋକ ପରଦିନ ଫାର୍ମହାଉସକୁ ଯିବାବେଳେ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଦୁର୍ବୃତ୍ତଙ୍କୁ ଧରିଥିଲେ।



ଭୁବନେଶ୍ୱର ଜୟଦେବ ବିହାର ରାସ୍ତା ସମସ୍ୟାକୁ ନେଇ ଭାଜପା ଶ୍ରୀକୃଷ୍ଣ ମଣ୍ଡଳ ପକ୍ଷରୁ ସୋମବାର ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।

## ସଂଗ୍ରାମଙ୍କ ବିୟୋଗରେ ଯୁବ କଂଗ୍ରେସର ଶୋକସଭା




ଶୋକ ସଭାରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ଭୁବନେଶ୍ୱର,୨୩।୮ (ବ୍ୟୁରୋ)

ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ବିୟୋଗରେ ସୋମବାର କଂଗ୍ରେସ ଭବରେ ଏକ ଶୋକସଭା ଆୟଜିତ ହୋଇଛି। ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବହୁ ଯୁବ କର୍ମୀମାନେ ଯୋଗଦେଇ ଶୋକ ପ୍ରକାଶ କରିଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ଜଣେ ମୂରବୀଙ୍କୁ ହରାଇଛି ବୋଲି ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା କହିଛନ୍ତି। ଉପସ୍ଥିତ ଯୁବ ନେତା ଓ କର୍ମୀ ସଂଗ୍ରାମ ସାଂଗଠନିକ ଦକ୍ଷତା ଓ ଦୃଢନେତୃତ୍ୱକୁ ମନେପକାଇ ଶୋକ ବ୍ୟକ୍ତ କରିଛନ୍ତି। ଶୋକସଭାରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ଡ. ବିଶ୍ୱରଞ୍ଜନ ମହାନ୍ତି, ମନୋ ରାଉତ, ଯୋଗୀନାଥ ବାହୁ ବଳେନ୍ଦ୍ର, ମହମ୍ମଦ ଅଲିମ, ରାଜୀବ ପଟ୍ଟନାୟକଙ୍କ ସମେତ ବହୁ ଯୁବ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ମାସେ ବିତିଲା, ପରିଚୟ ମିଳୁନି

### କୁଆଖାଇ ପଠାରୁ ଯୁବକଙ୍କ ମୃତଦେହ ଜବତ ଘଟଣା

■ପୋଷ୍ଟରମରାରେ ଅଟକିଛି ପୋଲିସ ତଦନ୍ତ

■ଅନ୍ୟ ଘଟଣା ଭଳି ରହସ୍ୟ ହୋଇଯିବ



ଭୁବନେଶ୍ୱର,୨୩।୮(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ପଞ୍ଚାୟତ କୁଆଖାଇ ନଦୀପଠା ବାଲିରେ ପୋତା ହୋଇଥିବା ଜଣେ ଯୁବକଙ୍କ ମୃତଦେହକୁ ଗତମାସ ୨୨ ତାରିଖରେ ପୋଲିସ ଜବତ କରିଥିଲା। ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ଶବ ବ୍ୟବଚ୍ଛେଦର ପ୍ରାଥମିକ ରିପୋର୍ଟରୁ ଜଣାପଡିଥିଲା। ମୃତ ଯୁବକଙ୍କ ବୟସ ୧୮ରୁ ୨୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଥିଲା। ମୃତକଙ୍କ ମୁହଁର ୫୦ ପ୍ରତିଶତ ପଚି ଯାଇଥିବାରୁ ତାଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡିଥିଲା। ଏହି ଘଟଣାକୁ ଇତିମଧ୍ୟରେ ମାସେ ବିତିଛି। ହେଲେ ପୋଲିସ ମୃତ ଯୁବକଙ୍କ ପରିଚୟ ପାଇପାରି ନାହିଁ। ପୋଲିସ ଯୁବକଙ୍କ ଫଟୋ ସମେତ ମୃତଦେହ ନିକଟରୁ ମିଳିଥିବା ଚପଲ, କାନରେ ଲାଗିଥିବା କୁଣ୍ଡଳ, ଶାର୍ଟ ଓ ପ୍ୟାଣ୍ଟର ପୋଷ୍ଟରକୁ ବିଭିନ୍ନ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଲଗାଇଥିଲା। ହେଲେ ଏଯାଏ ମୃତକଙ୍କ ପରିଚୟ ପାଇପାରି ନ ଥିବାବେଳେ ତଦନ୍ତ ବି ଅଟକିଯାଇଛି। ବିଗତ ଦିନରେ ସହରରୁ ମିଳିଥିବା ଏକାଧିକ ମୃତଦେହ ଭଳି ଏହି ଘଟଣା ବି ରହସ୍ୟ ହୋଇଯିବ ବୋଲି ଚର୍ଚ୍ଚା ହେଉଛି। ପୋଲିସ ଅପମୃତ୍ୟୁ ମାମଲା(ନଂ.୪୨/୨୧) ରୁଜୁ କରିଥିବାବେଳେ ପରିଚୟ ମିଳୁ ନ ଥିବାରୁ ଭିସେରା ରିପୋର୍ଟକୁ ପୋଲିସ ଚାହିଁ ରହିଛି।

ଜୁଲାଇ ୨୧ ଅପରାହ୍ନରେ କୁଆଖାଇ ନଦୀପଠାକୁ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ବୁଲିବାକୁ ଯାଇଥିଲେ। ଏହି ସମୟରେ ଯୁବକମାନେ ବାଲିରେ ଏକ ହାତ ପାପୁଲି, ପ୍ୟାଣ୍ଟ ଓ ଚପଲ ବାହାରକୁ ବାହାରିଥିବା ଦେଖିବାକୁ ପାଇଥିଲେ। ସେଥିରୁ ପ୍ରବଳ ଦୁର୍ଗନ୍ଧ ହେଉଥିଲା। ସେମାନଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲା। ରାତି ଅଧିକ ହୋଇଯିବାରୁ ବାଲି ଭିତରେ ପୋତା ହୋଇଥିବା ମୃତଦେହକୁ ପୋଲିସ ଉଦ୍ଧାର କରିପାରି ନ ଥିଲା। ଅସ୍ଥାୟୀ କ୍ୟାମ୍ପ କରି ଲାଇଟ୍ ଲଗାଇ ରାତିସାରା ଜଗି ରହିଥିଲା। ପରଦିନ ଡିସିପି ଉମାଶଙ୍କର ଦାଶଙ୍କ ସମେତ ଉଚ୍ଚ ପୋଲିସ ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ପ୍ରଥମେ ପୋଲିସ ବେଶ୍ ତତ୍ପରତା ଦେଖାଇଥିଲେ ମଧ ପରେ ତଦନ୍ତ ଶୀଥିଳ ପଡ଼ିଯାଇଥିବାରୁ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଥାନା ଅଧିକାରୀ ସୁଧୀର କୁମାର ସାହୁ କୁହନ୍ତି, ଉକ୍ତ ଘଟଣାର ଅନୁସନ୍ଧାନ ଚାଲିଛି। ୨୫୦ ପୋଷ୍ଟରକୁ ଆମେ ସ୍ଥାନୀୟ ଅଞ୍ଚଳରେ ମାରିଲୁ। ଯଦି ସ୍ଥାନୀୟ ଅଞ୍ଚଳର ହୋଇଥାନ୍ତା ତେବେ ଜଣା ପଡିଯାଇଥାନ୍ତା। ମୃତ ଯୁବକ ବାହାର ଜିଲା କିମ୍ବା ରାଜ୍ୟର ବୋଲି ସ୍ପଷ୍ଟ ଜଣାପଡୁଛି। ତେଣୁ ବାହାର ଜିଲା କିମ୍ବା ରାଜ୍ୟର ପୋଲିସ ଷ୍ଟେଶନକୁ ମେସେଜ୍ ଦେଇ ତନାଘନା ଚଳାଇଛୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ



ଜଟଣୀ,୨୩।୮ (ଡି.ଏନ୍.ଏ.): ବ୍ରାଉନସୁଗାର କାରବାର ଅଭିଯୋଗରେ ଜଟଣୀ ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଅଜୟ ନାୟକ ଓରଫ ଚନ୍ଦୁ। ତାଙ୍କ ନିକଟରୁ ୧୧ଗ୍ରାମ ବ୍ରାଉନସୁଗାର ଓ ୩୫,୫୦୦ଟଙ୍କା ଜବତ ହୋଇଛି। ସୂଚନା ମୁତାବକ, ଜଟଣୀ ପୌରାଞ୍ଚଳ ବଦନୁଆଗାଁ ଅଞ୍ଚଳରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ରବିବାର ମଧ୍ୟାହ୍ନରେ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଜୟଙ୍କୁ ଧରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୪୩୧/୨୧) ରୁଜୁ ହୋଇଛି।

### ସିମେଣ୍ଟ ପ୍ଲେଟ ପଡ଼ି ଯୁବକ ମୃତ

ଯାଁଳା,୨୩।୮(ଡି.ଏନ୍.ଏ.): ଯାଁଳା ଫାଣ୍ଡି ଅଧୀନ ତଳଖେତା ଜଟଣୀଗେଟ୍ ନିକଟରେ ନିର୍ମାଣଧୀନ ବ୍ରିଜରେ ସୋମବାର ସିମେଣ୍ଟ ପ୍ଲେଟ ଖସିପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ବୟସ ପାଖାପାଖି ୩୫ବର୍ଷ ହେବ। ସୂଚନା ମୁତାବକ, ନିର୍ମାଣାଧୀନ ବ୍ରିଜ ଉପରେ ଅପରାହ୍ନ ୩ଟାରେ ଯୁବକ ଜଣକ ଏକ ରେଞ୍ଚି ଧରି ଯାଉଥିବା ବେଳେ କୌଣସି କାରଣରୁ ସେଠାରେ ଥିବା ସିମେଣ୍ଟ ପ୍ଲେଟ ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଏମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କହିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଫାଣ୍ଡି ଅଧିକାରୀ ପ୍ରସନ୍ନ ନାୟକ କହିଛନ୍ତି।

### ୨୩ ପଜିଟିଭ୍, ୪୨ସୁସ୍ଥ

ଖୋର୍ଦ୍ଧା ଅଫିସ,୨୩।୮: ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସୋମବାର ୨୩ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୪୨ଜଣ ସୁସ୍ଥ ହୋଇଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ, ବର୍ତ୍ତମାନ ସୁଦ୍ଧା ମୋଟ୍ ୫,୭୧,୯୭୩ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୯,୧୭୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ୨୮,୬୯୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୨୭ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ୩୫୭ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଗ୍ରାମାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ବର୍ଗରେ ୪,୫୩,୨୪୨ଜଣଙ୍କୁ ଟିକା ଦିଆଯାଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଖବରଦାତା କାଳୀ ମିଶ୍ରଙ୍କ ପରଲୋକ



କଟକ ଅଫିସ,୨୩।୮: ଖବରଦାତା କାଳୀ ମିଶ୍ରଙ୍କର ସୋମବାର ହୃଦ୍‌ଘାତରେ ସିଦ୍ଧେଶ୍ୱର ସାହି ଭଡ଼ାଘରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନ ପୁଅ ଶ୍ୟାମା ପ୍ରସନ୍ନ ମିଶ୍ର ମୁଖାଗ୍ନି ଦେଇଥିଲେ। କାଳିବାବୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମୟରୁ ଛାତ୍ର ଆନ୍ଦୋଳନରେ ଭାଗ ନେଇଥିଲେ। ପରେ ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ସଦସ୍ୟ ଭାବେ ବହୁ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ 'ସମାଧାନ', 'ଖର୍ପର' ଭଳି ସାପ୍ତାହିକ ପତ୍ରିକାର ସମ୍ପାଦନ ଓ ପ୍ରକାଶକ ରୂପେ କାର୍ଯ୍ୟ କରୁଥିଲେ।

# ପିଲାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**କୋଭିଡ୍ ଜିଲା ଟାସ୍କ ଫୋର୍ସ କମିଟି ବୈଠକ**

- ମେଡିକାଲରେ ରହିବ ସ୍ୱତନ୍ତ୍ର ୱାର୍ଡ
- ଛାତ୍ରୀଛାତ୍ରଙ୍କୁ ବୁଝାଇବେ ଶିକ୍ଷକ
- ଘର ବୁଲି ସର୍ଭେ କରିବେ ଆଶାକର୍ମୀ

ଖୋର୍ଦ୍ଧା ଅଫିସ,୨୩।୮

ରାଜ୍ୟରେ କରୋନା ସଂକ୍ରମଣ କମୁଥିବା ବେଳେ ପିଲାଙ୍କ ସଂକ୍ରମଣ ଏବେ ଚିନ୍ତାର କାରଣ ପାଲଟିଛି। ପିଲାମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏନେଇ ଖୋର୍ଦ୍ଧା ଜିଲା କୋଭିଡ୍ ଟାସ୍କ ଫୋର୍ସ କମିଟି ବୈଠକ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। କରୋନା ସମୟରେ ପିଲାଙ୍କ ଚିକିତ୍ସା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତି କହିଥିଲେ, ଭୁବନେଶ୍ୱରକୁ ବାଦ୍ ଦେଇ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୧୮ବର୍ଷରୁ କମ୍ ଆକ୍ରାନ୍ତ ପିଲାଙ୍କ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପିଲାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମେଡିକାଲ ଅଫିସର ଏବଂ ପାରା ମେଡିକାଲ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ପିଲାମାନଙ୍କୁ ଥଣ୍ଡା, ଜ୍ୱର, କାଶ ଆଦି ଲାଗି ରହିଲେ କିମ୍ବା କୋଭିଡ୍ ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଏବଂ କୋଭିଡ୍ ପରୀକ୍ଷା କରାଇବେ। ଆବଶ୍ୟକ ସ୍ଥଳେ କୋଭିଡ ଆକ୍ରାନ୍ତ ପିଲାଙ୍କୁ ଅଧିକ ଚିକିତ୍ସା ଲାଗି କୋଭିଡ ମେଡିକାଲକୁ ପଠାଯିବ। ଆଶାକର୍ମୀମାନେ ଘର ଘର ବୁଲି ପିଲାଙ୍କ ସ୍ୱାସ୍ଥ୍ୟ ସର୍ଭେ କରିବେ। ପିଲାଙ୍କ କୋଭିଡ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସିଏଚସିରେ ସ୍ୱତନ୍ତ୍ର ୱାର୍ଡ ସହିତ ଅମ୍ଳଜାନ ବ୍ୟବସ୍ଥା କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ୩ଜଣ ଶିଶୁ ରୋଗ ବିଶେଷଜ୍ଞ ରହିଛନ୍ତି। କୋଭିଡ ପରିଚାଳନା ଲାଗି ଡିଏଚଏଚ ଏବଂ ସିଏଚସି ସ୍ତରରେ କଣ୍ଟ୍ରୋଲରୁମ କାର୍ଯ୍ୟ କରୁଛି। ପିଲାଙ୍କୁ କୋଭିଡ୍ ଆକ୍ରାନ୍ତରୁ ଦୂରେଇ ରଖିବା ପାଇଁ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ବିଦ୍ୟାଳୟରେ ପିଲାଙ୍କୁ କୋଭିଡ୍ ନିୟମ ସମ୍ପର୍କରେ ବୁଝାଯିବା ଲାଗି ସ୍କୁଲମାନଙ୍କୁ ଆବଶ୍ୟକ ସୂଚନା ଓ ନିର୍ଦ୍ଦେଶାବାଳୀ ପଠାଯିବ। ପିଲାଙ୍କୁ କୋଭିଡ ମୁକ୍ତ ରଖିବାକୁ ହେଲେ ଅଭିଭାବକମାନେ ତୁରନ୍ତ ୨ଟି ଟିକା ନେବା ଆବଶ୍ୟକ ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ କୁମାର ଦାଶ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଦ୍ୱାରିକାନାଥ ଶତପଥୀ, ଡବ୍ଲ୍ୟୁଏଚଓର ମେଡିକାଲ ଅଫିସର ଡା.ସୁନୀଲ କୁମାର ଦାଶ, ଶିଶୁ ରୋଗ ବିଶେଷଜ୍ଞ ଡା. ମିନତୀ ଶତପଥୀ, ନିଶ୍ଚେତକ ବିଶେଷଜ୍ଞ ଡା.ଏସ୍.ଏନ ପାଇକରାୟ, ଡା. ପ୍ରଫୁଲ୍ଲ କୁମାର ପଣ୍ଡା, ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପି.କେ. ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାବଲମ୍ବନ ବାଟ ଦେଖାଇଛନ୍ତି ବାସନ୍ତୀ



ବାସନ୍ତୀଙ୍କ ସହ ଅନ୍ୟମାନେ ପିପିଲି ଚାନ୍ଦୁଆ ପ୍ରସ୍ତୁତ କରୁଛନ୍ତି।

- ପିପିଲି ଚାନ୍ଦୁଆ ଦେଇଛି ପରିଚୟ
- ମହିଳାଙ୍କ ପାଇଁ ପାଲଟିଛନ୍ତି ପ୍ରେରଣାର ଉତ୍ସ

ଖୋର୍ଦ୍ଧା ଅଫିସ,୨୩।୮

କଥାରେ ଅଛି, ନିଷ୍ଠା ଏବଂ ଏକାଗ୍ରତା ଥିଲେ ସଫଳତା ଆପେ ଆପେ ଆସିଥାଏ। ଏହାର ଚାକ୍ଷୁଷ ଉଦାହରଣ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କୋଦୁଅବେରେଣି ଗ୍ରାମର ବାସନ୍ତୀ ମୁଦୁଲି। ପିପିଲି ଚାନ୍ଦୁଆ ପ୍ରସ୍ତୁତ କରି ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନେକ ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ମାଧ୍ୟମ ଯୋଗାଇଛନ୍ତି। ୫ଶହ ଟଙ୍କାରୁ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଏବେ ବର୍ଷକୁ ପ୍ରାୟ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ପୁରୀ ଜିଲା ପିପିଲି ଅଞ୍ଚଳରେ ବାସନ୍ତୀଙ୍କ ଘର ହୋଇଥିବା ବେଳେ ୨୭ବର୍ଷ ପୂର୍ବେ କୋଦୁଅବେରେଣି ଗ୍ରାମକୁ ବୋହୂ ହୋଇ ଆସିଥିଲେ। ପରିବାର ଆର୍ଥିକ ସ୍ୱଚ୍ଛଳତା କାରଣରୁ ସେ ପିପିଲି ଚାନ୍ଦୁଆ ପ୍ରସ୍ତୁତ କରିବାକୁ ମନବଳାଇଥିଲେ। ସ୍ୱଳ୍ପ ଟଙ୍କାରେ ପ୍ରଥମେ ଛୋଟ ଚାନ୍ଦୁଆ ପ୍ରସ୍ତୁତି ଆରମ୍ଭ କରିଥିଲେ। ପରେ କପଡ଼ାର ବ୍ୟାଗ, ମନିପର୍ସ, ଘରୋଇ ସାଜସଜ୍ଜା ପ୍ରସ୍ତୁତ କରିଥିଲେ। ବିଶେଷତଃ କପଡ଼ାରେ ମହାପ୍ରଭୁଙ୍କ ଚିତ୍ର, ଦେବଦେବୀଙ୍କ ଚିତ୍ରିତ ବ୍ୟାଗ, ମନିପର୍ସ, ଦୋଳ ଚାନ୍ଦୁଆ ଆଦି ଗ୍ରାହକଙ୍କ ପସନ୍ଦ ହୋଇଥିଲା। ଧୀରେ ଧୀରେ ତାଙ୍କ କାରବାର ବ୍ୟାପକ ହେବାକୁ ଲାଗିଲା। ପ୍ରାୟ ୨୦ରୁ ୩୦ ପ୍ରକାରର ସାମଗ୍ରୀ ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଛନ୍ତି। ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀ ଅଞ୍ଚଳରେ ବ୍ୟବସାୟୀମାନେ ଆସି ତାଙ୍କ ଠାରୁ ସାମଗ୍ରୀ କିଣି ନେଉଛନ୍ତି। ପିଲାଦିନେ କପଡ଼ାରେ ବିଭିନ୍ନ ଘରୋଇ ସାଜସଜ୍ଜା ପ୍ରଶିକ୍ଷଣ ନେଇଥିବା ତାଙ୍କୁ ପରିଚୟ ଦେଇଛି ବୋଲି ବାସନ୍ତୀ କହିଛନ୍ତି। ସେ ନିଜେ ଆତ୍ମନିର୍ଭର ହେବା ସହିତ ଗ୍ରାମର ଅନ୍ୟ ମହିଳାଙ୍କ ମୁଖରେ ହସ ଫୁଟାଇ ପାରିଛନ୍ତି। ଗ୍ରାମର ୪୦ରୁ ୫୦ଜଣ ତାଙ୍କ ପାଖରେ ତାଲିମ ନେଇ ନିଜେ ସ୍ୱରୋଜଗାରକ୍ଷମ ହୋଇପାରିଛନ୍ତି।

## ଜମି ଦୁର୍ନୀତିର ତଦନ୍ତ କରାଯାଉ



ଭିଜିଲାନ୍ସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ଦେବାକୁ ଆସିଥିବା ରାଷ୍ଟ୍ରୀୟ ପଛୁଆ ବର୍ଗ ମହାସଂଘର କର୍ମକର୍ତ୍ତାମାନେ।

**ଭିଜିଲାନ୍ସ ଡିଜିଙ୍କୁ ଦାବିପତ୍ର**

କଟକ ଅଫିସ, ୨୩।୮

ବାରଙ୍ଗ ତହସିଲ ଅନ୍ତର୍ଗତ ନରାଜ ପଞ୍ଚାୟତର ଜମି ଦୁର୍ନୀତିକୁ ନେଇ ରାଷ୍ଟ୍ରୀୟ ପଛୁଆ ବର୍ଗ ମହାସଂଘ ପକ୍ଷରୁ ସୋମବାର ଭିଜିଲାନ୍ସ ମହାନିର୍ଦ୍ଦେଶକ (ଡିଜି)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ନରାଜ ଗ୍ରାମପଞ୍ଚାୟତର ୮୨୦ ନମ୍ବର ପ୍ଲଟ୍‌ର ଜମିକୁ ଗ୍ରାମବାସୀ ଶ୍ମଶାନ ଭାବେ ବ୍ୟବହାର କରିଆସୁଥିଲେ। ଏହି ଜମିକୁ ତହସିଲଦାର କେତେଜଣ ଭୂମିହୀନଙ୍କୁ ଦେଇଥିଲେ ଓ ଶ୍ମଶାନକୁ ମହାନଦୀ କୂଳକୁ ଉଠାଇ ନେଇଥିଲେ। ଫଳରେ ବନ୍ୟା ଆସିଲେ ମୃତଦେହ ଦାହ ପାଇଁ ଗ୍ରାମବାସୀ ହଇରାଣ ହେଉଥିଲେ। ତେବେ ସେହି ପଞ୍ଚାୟତର ଭୂମିହୀନଙ୍କୁ ଭୂମି ମିଳିବା ପରିବର୍ତ୍ତେ କିଛି ଅନ୍ୟ ଅଞ୍ଚଳର ଲୋକଙ୍କଠାରୁ ଅର୍ଥ ନିଆଯାଇ ସେମାନଙ୍କ ନାମରେ ଜମି କରାଯାଇଥିବାରୁ ଭିଜିଲାନ୍ସ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମହାସଂଘ ଦାବି କରିଛି। ତେବେ ଏ ନେଇ ବାରଙ୍ଗ ତହସିଲଦାର ସଙ୍କଳ୍ପ ସ୍ୱସ୍ତିକ ସାହୁ କହିଛନ୍ତି, ଉକ୍ତ ଅଭିଯୋଗର ଆଂଶିକ ଅଭିଯୋଗ ଆମ ପାଖରେ କରାଯାଇଛି। ଏହାର ତଦନ୍ତ ପାଇଁ ମୁଁ ନିର୍ଦ୍ଦେଶ ଦେଇଛି। ଆର୍.ଆଇ. ଏହି ଅଭିଯୋଗର ତଦନ୍ତ ଜାରି ରଖିଛନ୍ତି। ତେବେ ୧୯୯୮ରୁ ଏହି ଜମି ଭୂମିହୀନଙ୍କୁ ଦେବା ଆରମ୍ଭ ହୋଇଛି। ତଦନ୍ତରେ ଯଦି କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହାକୁ ସଂଶୋଧନ କରାଯିବ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଖୁଣ୍ଟୁଣୀ,୨୩।୮(ଡି.ଏନ୍.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ଚମ୍ପାପୁର ବଜାର ଉପରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆଠଗଡ଼ ଥାନା ମହାକାଳବସ୍ତ ପଞ୍ଚାୟତର ମଞ୍ଜରିପଦ ଗ୍ରାମର ଶ୍ରୀକାନ୍ତ ସାହୁ (୪୧)। ସୂଚନା ଅନୁଯାୟୀ, ଶ୍ରୀକାନ୍ତ ଓ ତାଙ୍କ ବିକାଶ ରାଉତ ଏକ ବାଇକ୍‌ରେ ରାତିରେ ଘଣ୍ଟିଖାଲ ପଟୁ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଗାଡି ସହ ତାଙ୍କ ବାଇକ ଧକ୍କା ହେବାରୁ ଶ୍ରୀକାନ୍ତ ଓ ବିକାଶ ଛିଟିକି ତଳେ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଆଠଗଡ଼ ମେଡିକାଲକୁ ପଠାଇଥିଲେ । ସେଠାରେ ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ସେମାନଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ସୋମବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରକାଶ ଚିକିତ୍ସାଧୀନ ଅଛନ୍ତି ବୋଲି ତାଙ୍କ ପରିବାର ସୂତ୍ରରୁ ଜଣାପଡିଛି। ତେବେ ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ।

## ଆଜିଠାରୁ ବ୍ଲାକ୍ ସ୍ପଟ୍ ପରିଦର୍ଶନ ଆରମ୍ଭ

**କଟକ ଜିଲାରେ ୭୪ ସ୍ଥାନରେ ସର୍ଭେ**

କଟକ ଅଫିସ, ୨୩।୮

କଟକ ଜିଲାରେ ସଡକ ସୁରକ୍ଷାକୁ ଅଧିକ ସୁଗମ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏକ ଟିମ ଗଠନ କରାଯାଇଛି । ଉକ୍ତ ଟିମ ଜିଲାରେ ଦୁର୍ଘଟଣା ପ୍ରବଣ ସ୍ଥାନ (ବ୍ଲାକ ସ୍ପଟ) ପରିଦର୍ଶନ କରିବ । ମଙ୍ଗଳବାର କଟକ ଜିଲାରୁ ଏହି ପରିଦର୍ଶନ କାଯର୍ୟ ଆରମ୍ଭ ହେବ । କଟକ ଜିଲାର ୩୮ଟି ସ୍ଥାନରେ ବ୍ଲାକ ସ୍ପଟ ରହିଥିବା ବେଳେ ସେଥିମଧ୍ୟରୁ ୫ଟି ସ୍ଥାନରେ ଏହି ସର୍ଭେ କରାଯିବ । ନଖରା ଛକ, ପ୍ରତାପ ନଗରୀ ଛକ, ବାଲିକୁଦା ଛକ, ଗୋପାଳପୁର ଛକ ଓ ମଙ୍ଗୁଳି ଛକରେ ଉକ୍ତ ଟିମ ପରିଦର୍ଶନ କରିବ । ଉକ୍ତ ସ୍ଥାନ ଅନୁଧ୍ୟାନ କରିବା ସହ ଦୁର୍ଘଟଣାର କାରଣି ଜାଞ୍ଚ କରାଯିବ । ଏଥିସହ ଉକ୍ତ ଟିମ ଦୁର୍ଘଟଣା ରୋକିବାକୁ ଉପଯୁକ୍ତ ପରାମର୍ଶ ମଧ୍ୟ ଦେବେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି । ସେହିଭଳି ଉକ୍ତ ଟିମ୍ ରାଜ୍ୟରେ ଥିବା ବ୍ଲାକ ସ୍ପଟ ଗୁଡିକ ମଧ୍ୟରୁ ୭୪ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବେ । ବ୍ଲାକ ସ୍ପଟ୍ ପରିଦର୍ଶନ ସମୟରେ ଥାନା ଅଧିକାରି ଉପସ୍ଥିତ ରହିବାସହ ବିଗତ ୫ ବର୍ଷ ମଧ୍ୟରେ ଘଟିଥିବା ଦୁର୍ଘଟଣାର ଏଫଆଇଆର କପି ଆଣିବେ । ଏଥିସହ ଦୁର୍ଘଟଣାରୁ ବର୍ତ୍ତିଥିବା ବ୍ୟକ୍ତି କିମ୍ବା ସମ୍ପର୍କିୟ ଓ ପ୍ରତେକ୍ଷ୍ୟ ଦର୍ଶୀ ମଧ୍ୟ ଉକ୍ତ ସ୍ଥାନରେ ଉପସ୍ଥିତ ରହିବେ ।

## ଅଭିଯୁକ୍ତଙ୍କ ପତ୍ତାପାଉନି ପୋଲିସ

**ବେଗୁନିଆରେ ବଢୁଛି ଚୋରି, ଲୁଟ୍**

- ଦିନରେ ଯୋଜନା, ରାତିରେ ଚୋରି
- ଅଭିଯୁକ୍ତଙ୍କୁ ଗିରଫ ଦାବି

ବେଗୁନିଆ,୨୩।୮(ଡି.ଏନ୍.ଏ.)

ବେଗୁନିଆ ଥାନା ଅଞ୍ଚଳରେ ଚୋରି, ଲୁଟ୍ ଓ ଡକାୟତି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ସ୍କୁଲ ବାରଣ୍ଡା, ସରକାରୀ କାର୍ଯ୍ୟାଳୟ, ନିଛାଟିଆ ସ୍ଥାନ ଏବଂ ପରିତ୍ୟକ୍ତ ଘର ଅସାମାଜିକଙ୍କ ଆଡ୍ଡାସ୍ଥଳି ପାଲଟିଛି। ଦିନରେ ଯୋଜନା ପ୍ରସ୍ତୁତ କରି ରାତିରେ ଚୋରି ଓ ଅପରାଧ ଘଟାଉଛନ୍ତି। ଏହି ଅଞ୍ଚଳରୁ ଦେଶୀ ରନ୍ଧା ମଦ ଓ ପୋଚ ପ୍ରସ୍ତୁତ କରାଯାଇ ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି। ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନସୁଗାର ଓ ପଶ୍ଚିମାଞ୍ଚଳରୁ ଗଞ୍ଜେଇ ଏଠାକୁ ଆସୁଥିବା ଜଣାପଡ଼ିଛି। ଫଳରେ ଯୁବପିଢ଼ି ନିଶା ସେବନ କରି ଚୋରି ଓ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ରହୁଛନ୍ତି। ଗତ ୭ମାସ ମଧ୍ୟରେ ଏହି ଥାନା ଅଞ୍ଚଳରେ ଅନେକ ବଡ଼ ଧରଣର ଚୋରି ଓ ଲୁଟ୍ ହୋଇଥିଲେ ମଧ୍ୟ ପୋଲିସକୁ କୌଣସି ସଫଳତା ମିଳିନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଥାଉ କି, ଏହି ଥାନା ଅଞ୍ଚଳରେ ଗତ ଜାନୁୟାରୀ ୨୫ ବିଳମ୍ବିତ ରାତିରେ ସାନପଦର ନିକଟରେ କଡବ ଗାଁର ୨ଗୋଟି ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ୬ଲକ୍ଷ ୭୨ହଜାର ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ମାମଲା (ନଂ.୧୩/୨୧) ରୁଜୁ ହୋଇଛି। ସେହିପରି ଫେବୃୟାରୀ ୮ ପୂର୍ବାହ୍ନ ୧୧ଟା ୩୦ରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ମହିଳା କର୍ମଚାରୀଙ୍କଠାରୁ ବଡପଦର ଠାରେ ୩୯ହଜାର ଟଙ୍କା ଲୁଟ୍ ହୋଇଥିଲା। ଏନେଇ ଥାନାରେ ମାମଲା (ନଂ.୨୨/୨୧)ରୁଜୁ ହୋଇଛି। ଏପ୍ରିଲ ୩ ପୂର୍ବାହ୍ନ ୧୧ଟା ୪୦ରେ ବେଗୁନିଆ ବଜାରରୁ ଡିଙ୍ଗର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ୨ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା। ଏନେଇ ଥାନାରେ ମାମଲା (ନଂ. ୬୬/୨୧) ରୁଜୁ ହୋଇଛି। ମାର୍ଚ୍ଚ ୧୫ ରାତିରେ ବଡ଼ବେରଣା ପୋଷ୍ଟ ଅଫିସ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ଉପକରଣ ଚୋରି ଘଟଣାରେ ଏକ ମାମଲା(ନଂ. ୫୧/୨୧) ରୁଜୁ ହୋଇଛି। ଜୁଲାଇ ୨୦ ରାତିରେ ବେଗୁନିଆ ବଜାରରେ ଥିବା ବିଭିନ୍ନ ଦୋକାନରୁ ସିଗିଜ୍ ଚୋରି ହୋଇଥିଲା। ଜୁଲାଇ ୨୫ ରାତିରେ କୋଦବେରେଣି ବଜାରରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନରୁ ଲକ୍ଷାଧିକ ଟଙ୍କାର ଉପକରଣ ଚୋରି ଘଟଣାରେ ମାମଲା (ନଂ. ୧୪୧/୨୧) ରୁଜୁ ହୋଇଛି। ଏଥିସହ ଆଉ କେତେକ ଛୋଟ ବଡ ଚୋରି ନେଇ ମାମଲା ରୁଜୁ ହୋଇଛି। ତେବେ ସମସ୍ତ ଘଟଣାରେ ଅଭିଯୁକ୍ତମାନେ ଧରାପଡ଼ି ନ ଥିବା ଜଣାପଡ଼ିଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ କହିଛନ୍ତି, ଏଠାରେ ଯୋଗଦେବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ସଫଳତା ମିଳିଛି। ପୂର୍ବରୁ ହୋଇଥିବା ଅଭିଯୋଗର ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଆମେରିକାରେ ରିଲିଜ୍ ହେଲା ଓଡ଼ିଆ ଗୀତ

ଭୁବନେଶ୍ୱର, ୨୩।୮ (ବ୍ୟୁରୋ)

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ନୂଆ ଗୀତ 'ମୋ ଆଖିରେ ଲୁହ ଦେଇଗଲୁ' ଗତ ୨୦ ତାରିଖରେ ରିଲିଜ୍ ହୋଇଛି। ଆମେରିକାରେ ରହୁଥିବା ଓଡ଼ିଆ ଲୋକଙ୍କ ପାଇଁ ଏହି ଗୀତଟି ଅନ୍‌ଲାଇନ୍ ପ୍ଲାଟଫର୍ମ 'ଓଡ଼ିଆ ବ୍ଲଗର ଇନ୍ ଦି ୟୁଏସଏ'ରେ ରିଲିଜ୍ ହୋଇଛି। ଗୀତଟିକୁ ଗୀତିକାର ସୁନୀଲ ମହାପାତ୍ର ଲେଖିବା ସହିତ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। କଟକର ମିଲନ୍ ଷ୍ଟୁଡିଓରେ ଏହା ରେକର୍ଡିଂ ହୋଇଛି। ଏହାଦ୍ୱାରା ଆମେରିକାରେ ଥିବା ଓଡ଼ିଆଙ୍କ ଭିତରେ ଓଡ଼ିଆ ସଙ୍ଗୀତକୁ ନେଇ ଅଧିକ ଆଗ୍ରହ ସୃଷ୍ଟି ହୋଇ ପାରିବ ବୋଲି ଆମେରିକାରେ ରହୁଥିବା କ୍ଷୀତିଶ ପ୍ରଧାନ କହିଛନ୍ତି।

## ଭାରତମାଳାରେ କୃଷ୍ଣପ୍ରସାଦକୁ ସାମିଲ ଦାବି



ଭାଜପା ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୃଷ୍ଣପ୍ରସାଦ,୨୩।୮(ଡି.ଏନ୍.ଏ.)

ଭାରତମାଳା ପ୍ରକଳ୍ପ ଯୋଜନାରେ କୃଷ୍ଣପ୍ରସାଦର ଜହ୍ନିକୁଦା ସାତପଡା ଚିଲିକାରେ ବ୍ରିଜ ନିର୍ମାଣ ପାଇଁ ରବିବାର ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ପୂର୍ବ ନିର୍ଦ୍ଧାରିତ ଗଞ୍ଜାମର ଗୋପାଳପୁର ଠାରୁ ପୁରୀ ଜିଲାର କୃଷ୍ଣପ୍ରସାଦ ଦେଇ କରାଯାଇଥିବା ରାସ୍ତା ଏବଂ ଜହ୍ନିକୁଦା ଭାୟା ମଁଶା ବ୍ରହ୍ମପୁର-ସାତପଡା ଚିଲିକାକୁ ବ୍ରିଜ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା, ଉତ୍ତମ କୁମାର ତରେଇ, ହରିହର ଦାସ, କେଳୁ ଚରଣ ଜେନା, ଜୟରାମ ଦାସ, ରାମଚନ୍ଦ୍ର ବୈରିଗଞ୍ଜନ, ସୁରେନ୍ଦ୍ର ନାଥ ମାଝୀ, ସୌମ୍ୟ ରଞ୍ଜନ ଲେଙ୍କା, ଶରତ ଚନ୍ଦ୍ର ଜେନା, ସଂଗ୍ରାମ କେଶରୀ ଜେନା, ବିଷ୍ଣୁ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଛତୁଆ ମିଶ୍ରଣ ଦିବସ

କୃଷ୍ଣପ୍ରସାଦ,୨୩।୮(ଡି.ଏନ୍.ଏ.)



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ସୋମବାର ଛତୁଆ ମିଶ୍ରଣ ଦିବସ ପାଳନ ହୋଇଯାଇଛି। ମା' ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ, ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ଏଥିରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ଭଜା ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡ଼ା ସ୍ଥିତ ମା'ପାଦୁକାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ମଧ୍ୟ ଏହି ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିଶ୍ର ସ୍ୱଚ୍ଛତା ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ ମିଶ୍ରଣ କରିଥିଲେ। ସୁପରଭାଇଜର ମାଗୁଣି ପ୍ରଧାନ, ରମାମଣୀ ନାୟକ, ଅମିତାଭ ବିଶ୍ୱାଳଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।

## ସ୍ୱଳ୍ପ ବୃଷ୍ଟିପାତ: ଜମି ଫାଟି ଆଁ

ଖୋର୍ଦ୍ଧା ଅଫିସ,୨୩।୮

ଖୋର୍ଦ୍ଧା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ଗଜା ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। କ୍ଷେତରେ ଧାନ ଫସଲ କରାଯାଇଥିଲେ ମଧ୍ୟ ପାଣି ନ ଥିବାରୁ ଫାଟି ଆଁ କରିଛି। ସୂଚନା ମୁତାବକ, ଜିଲାର ବାଲିଅନ୍ତା, ବାଲିପାଟଣା, ଟାଙ୍ଗୀ, ଚିଲିକା ଏବଂ ବାଣପୁର ବ୍ଲକରେ ସ୍ୱଳ୍ପ ବୃଷ୍ଟି କାରଣରୁ ଅର୍ଦ୍ଧାଧିକ ଚାଷଜମିରେ ରୁଆ କାମ ସରି ନ ଥିବା ଜଣାପଡିଛି। ଜିଲା କୃଷି ବିଭାଗରୁ ମିଳିଥିବା ସୂଚନା ମୁତାବକ, ଜୁନ ପହିଲାରୁ ଜୁଲାଇ ଶେଷ ସପ୍ତାହ ପର୍ଯ୍ୟନ୍ତ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଛି। ଜୁନରେ ୧୯୬.୨ମିମି ବର୍ଷାର ଆବଶ୍ୟକତା ଥିବାବେଳେ ୧୭୪.୧ମିମି ବର୍ଷା ହୋଇଛି। ଏହି ମାସରେ ବାଣପୁର, ବୋଲଗଡ ଓ ଟାଙ୍ଗୀରେ ବର୍ଷା ପରିମାଣ କମ୍ ରହିଛି।ଜୁଲାଇରେ ୨୬୫.୩୭ମିମି ବର୍ଷା ହୋଇଛି। ଜଟଣୀ, ବେଗୁନିଆ, ବୋଲଗଡ଼, ଚିଲିକା, ଖୋର୍ଦ୍ଧା ଓ ଟାଙ୍ଗୀରେ ନିଅଣ୍ଟିଆ ବର୍ଷା ହୋଇଥିବାବେଳେ ବାଲିପାଟଣା ବ୍ଲକରେ ବହୁ ଅଳ୍ପ ବର୍ଷା(୨୪ମିମି) ରେକର୍ଡ ହୋଇଛି। ଫଳରେ ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ଏହିକ୍ରମରେ ଅଗଷ୍ଟରେ ୩୨୦ଏମଏମ ବର୍ଷା ଆକଳନ କରାଯାଇଥିବା ବେଳେ ୧୮ତାରିଖ ସୁଦ୍ଧା ୧୦ଟି ବ୍ଲକରେ ୧୧୫.୨୫୦ଏମଏମ ବର୍ଷା ହୋଇଥିବା



ରେକର୍ଡ କରାଯାଇଛି। ଅଗଷ୍ଟ ପହିଲାରେ ୧୨.୬୨୨ଏମଏମ ବର୍ଷା ହୋଇଥିବା ବେଳେ ୨ରୁ ୯ତାରିଖ ମଧ୍ୟରେ ଅତି କମ୍ ପରିମାଣର ବର୍ଷା ହୋଇଛି। ଅଗଷ୍ଟ ପହିଲାରୁ ୧୮ତାରିଖ ସୁଦ୍ଧା ବୋଲଗଡରେ ୩୧ଏମଏମ, ଜଟଣୀରେ ୨୭ଏମଏମ ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ଚିଲିକାରେ ଆଦୌ ବର୍ଷା ହୋଇନଥିବା ଜଣାପଡିଛି। ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକକୁ ବାଦ ଦେଲେ ଅନ୍ୟ ୮ ବ୍ଲକରେ ବର୍ଷା ପରିମାଣ କମ୍ ରହିଛି। ଏହି ଅଞ୍ଚଳରେ ମରୁଡି ଆଶଙ୍କା ରହିଛି। ସ୍ୱଳ୍ପ ବୃଷ୍ଟିକୁ ଏଡ଼ାଇବା ଲାଗି କେତେକ ସ୍ଥାନରେ ଚାଷୀ ପମ୍ପସେଟ ମାଧ୍ୟମରେ ଜମିକୁ ଜଳସେଚନ କରୁଥିବା ଦେଖିବାକୁ ମିଳିଛି। ସୂଚନାଥାଉ କି, ଚଳିତବର୍ଷ ଜିଲାରେ ୧ଲକ୍ଷ ୫ହଜାର ୮୬୦ହେକ୍ଟର ଜମିରେ ଧାନ ଚାଷ ଲାଗି ବିଭାଗ ଲକ୍ଷ୍ୟ ରଖିଥିବା ବେଳେ ୬୯ହଜାର ୫ଶହ ୪ହେକ୍ଟର ଜମିରେ ଚାଷୀ ଧାନ ଚାଷ କରିଛନ୍ତି। ସେହିପରି ୧୪ହଜାର ୨୯୦ହେକ୍ଟର ଜମିରେ ଅଣଧାନ ଚାଷ ଲାଗି ବିଭାଗ ଲକ୍ଷ୍ୟ ରଖିଥିବାବେଳେ ଜିଲାବ୍ୟାପୀ ୧୦ହଜାର ୯ହେକ୍ଟର ଜମିରେ ଅଣଧାନ ଚାଷ କରାଯାଇଛି ବୋଲି କୃଷି କାର୍ଯ୍ୟାଳୟରୁ ସୂଚନା ମିଳିଛି।

**ସଂକ୍ଷେପରେ**

## ୨ ମୋବାଇଲ ଚୋରଙ୍କୁ ଧରିଲେ ଗ୍ରାମବାସୀ

**କଣାସ,୨୩।୮(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ କଣାସ ଅଞ୍ଚଳରେ ତିନି ସପ୍ତାହ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଦାମୀ ମୋବାଇଲି ଚୋରି ହୋଇଥିବା କଣାସ ଥାନାରେ ଅଭିଯୋଗ ହୋଇଥିଲା। ତେବେ ସୋମବାର ୨ଜଣ ଯୁବକ କଣାସ ହାଟରେ ମୋବାଇଲ ଚୋରି କରୁଥିଲେ। ଏହି ସମୟରେ ଗ୍ରାମବାସୀ ଦେଖି ଚୋରଦ୍ୱୟଙ୍କୁ ଧରି ନେବା ସହ ଉତ୍ତମ ମଧ୍ୟମ ଦେଇଥିଲେ। ଖବରପାଇ କଣାସ ଥାନା ଏସ୍‌ଆଇ ଗୌରିଶଙ୍କର ସେଠି ଘଟଣାସ୍ଥଳରେ ପହଞ୍ଚି ୨ ଯୁବକଙ୍କୁ ଲୋକମାନଙ୍କଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ କଣାସ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୋଲିସ୍ ପକ୍ଷରୁ ଦୁଇଯୁବକଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲୁଛି।

## '୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ'

**ପୁରୀ ଅଫିସ, ୨୩।୮:** ଭାଜପାର ପୁରୀ ଜିଲ୍ଲା ଶାଖା ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ନାୟକ ପ୍ଲାଜା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ କହିଛନ୍ତି, ସତ୍ୟବାଦୀ ଓ କଣାସ ଅଞ୍ଚଳବାସୀ ପ୍ରଶାସନିକ ଦୁର୍ନୀତି ଓ ଶାସକ ଦଳ ରାଜନେତାଙ୍କ ଦୌରାତ୍ମ୍ୟ ଯୋଗୁ ଅତିଷ୍ଠ ହୋଇପଡ଼ିଲେଣି। ଫନୀ ଘରଭଙ୍ଗା କ୍ଷତିପୂରଣ ଦୁର୍ନୀତି ବିରୋଧରେ ଭାଜପା ଦୀର୍ଘ ଦୁଇ ବର୍ଷ ଧରି ସ୍ୱର ଉତ୍ତୋଳନ କରି ଆସୁଛି। ସତ୍ୟବାଦୀରେ କେହି ସ୍ଥାୟୀ ତହସିଲଦାର ନ ଥିବାବେଳେ କାର୍ଯ୍ୟାଳୟରେ ଶାସକ ଦଳ କର୍ମୀ ପଶି କର୍ମଚାରୀଙ୍କୁ ଆକ୍ରମଣ କରିବା ସହିତ ବିଭିନ୍ନ ଜିନିଷ ଭଙ୍ଗାରୁଜା କରିଥିଲେ। ଏନେଇ ଆକ୍ରମଣର ଶିକାର ହୋଇଥିବା ପୀଡିତ ଥାନାରେ ଏତଲା ଦେଲା ପରେ ବି ଅପରାଧୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେବେ ଦୁର୍ନୀତି ବିରୋଧରେ ଧାରଣା ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ପୋଲିସ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ଆଣି ନୋଟିସ ଜାରି କରିଛି। ଯାହା ହାସ୍ୟାସ୍ପଦ। ସେହିପରି ଫନି ଦୁର୍ନୀତିରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଶାସକ ଦଳ ରାଜନୈତିକ ଚାଲ ଖେଳୁଛି। ତୁରନ୍ତ ଫନୀ ଘରଭଙ୍ଗା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯାଇ ଦୋଷୀ କର୍ମଚାରୀଙ୍କୁ ଗିରଫ କରାଯାଉ। ଅଯୋଗ୍ୟ ହିତାଧିଧାରୀଙ୍କଠାରୁ ଆବାସ ଯୋଜନା କ୍ଷତିପୂରଣ ଆଣି ପ୍ରକୃତ ଯୋଗ୍ୟ ହିତାଧାରୀଙ୍କୁ କ୍ଷତିପୂରଣ ଟଙ୍କା ପ୍ରଦାନ କରାଯାଉ। ଏଥିରେ ଟାଳଟୁଳ ନୀତି ଅବଲମ୍ବନ କରାଗଲେ ଓ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ପଟ୍ଟନାୟକ କହିଛନ୍ତି। ସମ୍ମିଳନୀରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ପ୍ରବକ୍ତା ରମାବଲିୟାର ସିଂହ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ମିଶ୍ର, ଜଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ ଏବଂ ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଉପସ୍ଥିତ ଥିଲେ।

## ଆଇନଶୃଙ୍ଖଳା ସମୀକ୍ଷା କଲେ ଏସ୍‌ପି

**ଅସ୍ତରଙ୍ଗ,୨୩।୮(ଡି.ଏନ୍.ଏ.):** ପୁରୀ ଏସ୍‌ପି ଡ. କନୱାଲ ବିଶାଲ ସିଂ ସୋମବାର ଅସ୍ତରଙ୍ଗ ଥାନା ଗସ୍ତ କରି ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ବିଭିନ୍ନ ଆପରାଧିକ ମାମଲା, ୱାରେଣ୍ଟ ସମେତ ଅସ୍ତରଙ୍ଗ ଥାନା ଅଞ୍ଚଳର ଆଇନ ପରିସ୍ଥିତି ପଚାରି ବୁଝିଛନ୍ତି। ଏଥିସହ ପୁରୁଣା ୱାରେଣ୍ଟଙ୍କୁ ଗିରଫ ଅଭିଯାନ ଜାରି ରଖିବା, ନିଶା କାରବାର ଉପରେ ରୋକ ଲଗାଇବା, ପେସାଦାର ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଥାନାଧିକାରୀ ବାମଦେବ ନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଥାନାକୁ ଅଭିଯୋଗ ନେଇ ଆସିଥିବା କେତେଜଣ ଅଭିଯୋଗକାରୀଙ୍କ ସହ ଏସ୍‌ପି ସାକ୍ଷାତ୍ କରି ସମସ୍ୟା ସମ୍ପର୍କରେ ପଚାରିବୁଝିବା ସହ ଏହାର ସମାଧାନ ପାଇଁ କହିଥିଲେ। ଏହାପରେ ଛୁରିଅନା, ପାଟଳଦା ପଞ୍ଚାୟତକୁ ଗସ୍ତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜାହାନିଆ ପର୍ଯ୍ୟଟନ ସ୍ଥଳୀରେ ବିଶୃଙ୍ଖଳାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ସହ ଅସ୍ଥାୟୀ ପୋଲିସ ଶିବିର କରିବା ପାଇଁ କହିଥିଲେ। ଥାନାରେ କର୍ମଚାରୀ ଅଭାବକୁ ଖୁବଶୀଘ୍ର ପୂରଣ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ବିଭିନ୍ନ ସମସ୍ୟାକୁ ନେଇ ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, ବିଡିଓ ଡ. ବେବିତା ମଞ୍ଜରୀ ନାୟକଙ୍କ ସହ ଏସ୍‌ପି ଆଲୋଚନା କରିଥିଲେ।



# ଆବାସ ଯୋଜନା ହିତାଧିକାରୀ ଚୟନ ବାଟବଣା

- ଫନୀ ହିତାଧିକାରୀ ତାଲିକାକୁ ଧରି ଚାଲିଛି ସର୍ଭେ
- ବଞ୍ଚିତ ହେଉଛନ୍ତି ପ୍ରକୃତ ହିତାଧିକାରୀ

**ପିପିଲି,୨୩।୮(ସ୍ୱ.ପ୍ର.)**

ପିପିଲି ବ୍ଲକକୁ ପ୍ରାୟ ୭ହଜାର ୫ଶହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ପାଇଁ ଟଙ୍କା ଆସିଛି। ହେଲେ ପ୍ରଶାସନର ହିତାଧିକାରୀ ଚୟନ ପ୍ରକ୍ରିୟାକୁ ନେଇ ଏବେ ଚିନ୍ତାରେ ଅଞ୍ଚଳବାସୀ। କାରଣ ଗତ ଫନୀ ପରେ ଏକାଧିକ କ୍ଷୟକ୍ଷତି ଆକଳନ ଟିମ ସର୍ଭେ କରି ହିତାଧିକାରୀ ଚୟନ କରିଥିଲେ। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ଏଥିରେ ଧନୀକ ଶ୍ରେଣୀ, ଦୁଇଥର ଆବାସ ପାଇଥିବା ଏବଂ ପରିବାରର ୨/୩ ଜଣଙ୍କ ନାମ ଥିବା ଜାଣିବାକୁ ପାଇ ହିତାଧିକାରୀମାନେ ଆନ୍ଦୋଳନ ଓ ପ୍ରତିବାଦ କରିଥିଲେ। ଏବେ ସେହି ବିବାଦୀୟ ଫନୀ ହିତାଧିକାରୀ ତାଲିକାକୁ ଧରି ସର୍ଭେ କରୁଥିବା ଜାଣି ଅଞ୍ଚଳବାସୀ ଆବାସ ଯୋଜନାର ହିତାଧିକାରୀ ଚୟନ ବାଟବଣା ହେବା ନେଇ ଆଶଙ୍କା କରିଛନ୍ତି। ବ୍ଲକ ଦ୍ୱାରା ନିର୍ଦ୍ଧାରିତ ୩ଟି ଟିମର ୪୮ଜଣ ସଭ୍ୟ ଉକ୍ତ ତାଲିକା ଦ୍ୱାରା ୨୫ଟି ପଞ୍ଚାୟତରେ ଆବାସ ଯୋଜନା ଚୟନ ନିମନ୍ତେ ସର୍ଭେ କରୁଛନ୍ତି। ସେହି ତାଲିକାରେ ଫନୀ କ୍ଷତିଗ୍ରସ୍ତ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ନାମ ନ ଥିବାରୁ ଏମାନେ ସରକାରୀ ଆବାସ ଯୋଜନାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ କରିଛନ୍ତି।

ଫନୀ ପରେ ପିପିଲି ତହସିଲ ପକ୍ଷରୁ ନିଯୁକ୍ତ ଏକାଧିକ ଟିମ୍ ତଦନ୍ତ କରି ହିତାଧିକାରୀ ତାଲିକା ପ୍ରକାଶ କରିଥିଲେ। ତାଲିକାରେ ରାଜନୈତିକ ହସ୍ତକ୍ଷେପ ଯୋଗୁ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏବେ ପୁଣି ଆବାସ ଯୋଜନା ତାଲିକା ପାଇଁ ସର୍ଭେ ଚାଲିଛି। ପିପିଲି ପଞ୍ଚାୟତ ସମିତି ପ୍ରଥମ ଚିଠି ସଂଖ୍ୟା ନଂ.୨୫୯୮ ଜୁଲାଇ ୧୫ ଚିଠି ଅନୁସାରେ ତାଲିକା ବାହାରେ ଥିବା କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବଞ୍ଚିତ ନ ହେବେ ଏବଂ ଅଯୋଗ୍ୟ ହିତାଧିକାରୀ ସ୍ଥାନ ନ ପାଆନ୍ତି ସେଥିପ୍ରତି ନିରପେକ୍ଷତା ଅବଲମ୍ବନ କରିବାକୁ ତଦନ୍ତକାରୀ ଟିମକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ବିବାଦୀୟ ତାଲିକାରେ ନାଁ ନ ଥିବା ଫନୀ ହିତାଧିକାରୀ ଆବାସ ପାଇବା ନେଇ ଆଶାବାଦୀ ଥିଲେ। କିନ୍ତୁ ଉକ୍ତ ଚିଠିର ଗୋଟିଏ ଦିନ ପରେ ଅର୍ଥାତ ଜୁଲାଇ ୧୬ରେ ପିପିଲି ପଞ୍ଚାୟତ ସମିତି ଚିଠି ସଂଖ୍ୟା ୨୬୪୦ ଅନୁସାରେ ଆବାସ ପ୍ଲସ ଓ ଆର୍‌ଏଚ୍ ପୋର୍ଟାଲ ହିତାଧିକାରୀ ଚୟନ ତାଲିକାରେ କୌଣସି ନୂଆ ତାଲିକା ଯୋଗ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ କରାଗଲା। ଫଳରେ ଉକ୍ତ ତାଲିକା ବାହାରେ ଥିବା ପ୍ରକୃତ ଫନୀ ହିତାଧିକାରୀଙ୍କ ଆଶା ମଉଳିଗଲା। ଏମାନେ ଆବାସ ଯୋଜନାରୁ ନିଶ୍ଚିତ ବାଦ ପଡ଼ିବେ ବୋଲି ଅଭିଯୋଗ ହୋଇଛି। ତେବେ ନୂତନ ଭାବେ ଚାଲିଥିବା ସର୍ଭେରେ ବାଦ୍ ପଡ଼ିଥିବା ଫନୀ ବିପନ୍ନଙ୍କୁ ଚୟନ କରାଯାଇ ଆବାସ ହିତାଧିକାରୀ ତାଲିକାରେ ସାମିଲ କରିବାକୁ ହିତାଧିକାରୀମାନେ ବ୍ଲକ ଓ ତହସିଲ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ରଶ୍ମିତା ନାଥ କହିଛନ୍ତି, ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନିୟମ ମୁତାବକ ଆବାସ ହିତାଧିକାରୀ ତାଲିକାର ତଦନ୍ତ କରାଯାଉଛି। ତେବେ ପରବର୍ତ୍ତୀ ସମୟରେ ତାଲିକାରୁ ବାଦ୍ ପଡ଼ିଥିବା ଫନୀ ହିତାଧିକାରୀଙ୍କ ସମ୍ପର୍କରେ ସରକାର ପଦକ୍ଷେପ ନେବାର ସମ୍ଭାବନା ଅଛି ବୋଲି ସେ କହିଛନ୍ତି।


ପୁରୀ ଆସିଥିବା ପାର୍ଲାମେଣ୍ଟ କମିଟିର ସଦସ୍ୟମାନେ ସୋମବାର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ୩୧ ଯାଏ ଟ୍ରେନ ବାତିଲ

**ଭୁବନେଶ୍ୱର,୨୩।୮**

କୋଭିଡ୍-୧୯ର ସଂକ୍ରମଣ ଶୃଙ୍ଖଳାକୁ ଭାଙ୍ଗିବା ଏବଂ କରୋନା ମହାମାରୀ ସମୟରେ ଟ୍ରେନ୍‌ର ଖରାପ ପୃଷ୍ଠପୋଷକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ପାସେଞ୍ଜର ସ୍ୱତନ୍ତ୍ର ଟ୍ରେନ୍‌କୁ ବାତିଲ ଓ ଆଂଶିକ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଟ୍ରେନଗୁଡ଼ିକ ଚଳିତ ଅଗଷ୍ଟ ୨୩ ରୁ ୩୧ ପର୍ଯ୍ୟନ୍ତ ବାତିଲ ରହିବ ବୋଲି ଜଣାପଡ଼ିଛି। ବିଶେଷକରି ପୁରୀ-କଟକ-ପୁରୀ ବିଶେଷ ଟ୍ରେନ, ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ବିଶେଷ ଟ୍ରେନ, ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ, କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ, କଟକ-ପାରାଦୀପ-କଟକ ବିଶେଷ ଟ୍ରେନ ଏବଂ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନର ନାମ ରହିଛି। ସେହିପରି ୨୮ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ବାତିଲ ଥିବା ଟ୍ରେନ୍‌ଗୁଡ଼ିକ ହେଉଛି ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ, ଭୁବନେଶ୍ୱର-ପାଲାସା-ଭୁବନେଶ୍ୱର ବିଶେଷ ଟ୍ରେନ, ଭୁବନେଶ୍ୱର-ବାଙ୍ଗିରିପୋଷି-ଭୁବନେଶ୍ୱର ବିଶେଷ ଟ୍ରେନ, ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ବିଶେଷ ଟ୍ରେନ, ପୁରୀ-ପାରାଦୀପ-ପୁରୀ ବିଶେଷ ଟ୍ରେନ ଓ ପୁରୀ-ଗୁଣୁପୁର-ପୁରୀ ବିଶେଷ ଟ୍ରେନ ଆଦି ଅନ୍ତର୍ଭୁକ୍ତ ରହିଛି। ପୁରୀ-ଅନୁଗୁଳ ବିଶେଷ ଟ୍ରେନ ଆଂଶିକ ବାତିଲ ରହିଛି। ପୁରୀ-ଅନୁଗୁଳ-ପୁରୀ ବିଶେଷ ଟ୍ରେନ ଉଭୟ ଦିଗରୁ ୨୩ରୁ ୨୭ ତାରିଖ ଏବଂ ୩୧ ଅଗଷ୍ଟ ଦିନ ତାଳଚେର ଓ ଅନୁଗୁଳ ମଧ୍ୟରେ ବାତିଲ ରହିବ ଏବଂ ଉଭୟ ଦିଗରୁ ତାଳଚେର ଏବଂ ପୁରୀ ମଧ୍ୟରେ ଚଳାଚଳ କରିବ ବୋଲି ସୂଚନା ମିଳିଛି। ସେହିପରି ଭୁବନେଶ୍ୱର-କେନ୍ଦୁଝରଗଡ ବିଶେଷ ଟ୍ରେନ ଚଳାଚଳ କରିବ। ଭୁବନେଶ୍ୱର-କେନ୍ଦୁଝରଗଡ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ୨୩ରୁ ୨୭ ତାରିଖ ଏବଂ ୩୧ ଅଗଷ୍ଟରେ ଉଭୟ ଦିଗରୁ ପୁନଃ ପ୍ରଚଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ଆଜିଠାରୁ ବର୍ଷବ୍ୟାପୀ ହୀରକ ଜୟନ୍ତୀ ପାଳିବ ଓୟୁଏଟି

**ଭୁବନେଶ୍ୱର, ୨୩।୮(ବ୍ୟୁରୋ)**

୧୯୬୨ ଅଗଷ୍ଟ ୨୪ରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ହୀରକ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିସହ ବର୍ଷବ୍ୟାପୀ ଜୟନ୍ତୀ ପାଳନ କରାଯିବ। ଏହି ଉପଲକ୍ଷେ ବର୍ଷସାରା ବକ୍ତୃତାମାଳା, କୃଷକ ମେଳା, କୃଷି ଉଦ୍ୟୋଗୀ ସମାବେଶ, କୃଷି ପ୍ରଦର୍ଶନୀ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏ ନେଇ ସୋମବାର ଓୟୁଏଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳପତି ପଓ୍ୱନ କୁମାର ଅଗ୍ରୱାଲ ସୂଚନା ଦେଇଛନ୍ତି। ହୀରକ ଜୟନ୍ତୀ ବର୍ଷ ପାଳନ ଅବସରରେ ଭୁବନେଶ୍ୱର ଓ ଅନ୍ୟାନ୍ୟ କେନ୍ଦ୍ରଗୁଡ଼ିକରେ ବହୁବିଧ କାର୍ଯ୍ୟକ୍ରମ ହାତକୁ ନେବାର ଯୋଜନା ରହିଛି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକଙ୍କ ଦ୍ୱାରା ବକ୍ତୃତାମାଳା,


ଖବରଦାତା ସମ୍ମିଳନୀରେ ଓୟୁଏଟି କୁଳପତି ପଓ୍ୱନ କୁମାର ଅଗ୍ରୱାଲ ହୀରକ ଜୟନ୍ତୀ ପାଳନ ନେଇ ସୂଚନା ଦେଉଛନ୍ତି।

କୃଷକ ସମାବେଶ, ବିଶ୍ୱବିଦ୍ୟାଳୟରୁ ବିକଶିତ ଜ୍ଞାନକୌଶଳ ପ୍ରଦର୍ଶନ ପାଇଁ କୃଷି ପ୍ରଦର୍ଶନୀ, ଶିକ୍ଷକ-କୃଷି ଉଦ୍ୟୋଗୀ ଭାବ ବିନିମୟ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ର-ଶିଳ୍ପ ଜଗତ ସହିତ ଭାବର ଆଦାନ ପ୍ରଦାନ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି କୁଳପତି ଅଗ୍ରୱାଲ କହିଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ଅଧୀନରେ ୧୦ କୃଷି ମହାବିଦ୍ୟାଳୟ, ଗୋଟିଏ ସ୍ନାତକୋତ୍ତର ଶିକ୍ଷା କେନ୍ଦ୍ର ଓ ୧୦ ଆଗ୍ରୋପଲିଟେକନିକ କେନ୍ଦ୍ର ମାଧ୍ୟମରେ କୃଷି ବିଜ୍ଞାନ, ଉଦ୍ୟାନ ବିଜ୍ଞାନ, ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ, ମତ୍ସ୍ୟ ବିଜ୍ଞାନ, ବନ ବିଜ୍ଞାନ, କୃଷି ଯାନ୍ତ୍ରିକୀକରଣ, ଗୃହବିଜ୍ଞାନ, ମୌଳିକ ବିଜ୍ଞାନ, ଏଗ୍ରି-ବିଜ୍‌ନେସ୍ ମ୍ୟାନେଜମେଣ୍ଟ ଏବଂ ବାୟୋ-ଇନଫର୍‌ମେଟିକ୍ସ ବିଷୟରେ ଉଚ୍ଚତର ଶିକ୍ଷା ପ୍ରଦାନ କରାଯାଉଛି। ରାଜ୍ୟର ବିଭିନ୍ନ ଜଳବାୟୁ ମଣ୍ଡଳରେ ରହିଥିବା ୮ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ପ୍ରସାରଣ କେନ୍ଦ୍ର, ୪ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ପ୍ରସାରଣ ଉପକେନ୍ଦ୍ର, ୭ ଦ୍ରବ୍ୟଭିତ୍ତିକ ଗବେଷଣା କେନ୍ଦ୍ର ଏବଂ ୫୨ ସର୍ବଭାରତୀୟ ସଂଯୋଜିତ ପ୍ରକଳ୍ପ ମାଧ୍ୟମରେ ଗବେଷଣା କାର୍ଯ୍ୟ ଚାଲୁ ରହିଛି। କୃଷିକ୍ଷେତ୍ରରେ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ୩୧ କୃଷି ବିଜ୍ଞାନ କେନ୍ଦ୍ର ଓ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଚାଲୁ ରହିଛି।



ଟୋକିଓ ପାରା ଅଲିମ୍ପିକ ପାଇଁ ଶିଳ୍ପୀ ବିଶ୍ୱଜିତ ନାୟକଙ୍କ ଆଇସକ୍ରିମ କାଠିରେ କଳାକୃତି।

## ସ୍ୱାଧୀନତା ସଂଗ୍ରାମୀ ବନମାଳୀଙ୍କ ସ୍ମୃତିସଭା

**ଗୋପ,୨୩।୮(ଡି.ଏନ୍.ଏ.)**

ସ୍ୱାଧୀନତା ସଂଗ୍ରାମୀ ତଥା ଗୋପ ନିଗମାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ବନମାଳୀ ଦାଶ ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିଥିଲେ। ସବୁବେଳେ ଓ ସବୁ ସମୟରେ ବନମାଳୀ ନିଜକୁ ସାଧାରଣ ଲୋକଙ୍କ ଲାଗି ସମର୍ପିତ କରୁଥିଲେ ବୋଲି ଶିକ୍ଷାବିତ ସତ୍ୟପୀର ନାୟକ କହିଥିଲେ। ନିଗମାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ସୋମବାର ବିଦ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାଶଙ୍କ ସ୍ମୃତି ସଭା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ ନରେନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ସେନାପତି, ଜଟାଧାରୀ ବେହେରା, ପୂନେଶ କୁମାର ସେନାପତି ପ୍ରମୁଖ ଯୋଗ ଦେଇ ବନମାଳୀ ଦାଶଙ୍କ ଜୀବନୀ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରୀତମ ସାହୁ, ଦୀପ୍ତିମୟୀ ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା।

# ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

**ଆନ୍ଦୋଳନକୁ ଓହ୍ଲାଇଲା ଆଦିବାସୀ ମହାସଂଘ**

**ପିପିଲି,୨୩।୮(ସ୍ୱ.ପ୍ର.)**

ପିପିଲି ବ୍ଲକ ଅଞ୍ଚଳରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛି ଦଳିତ ଆଦିବାସୀ ମାଇନୋରିଟି ମହାସଂଘ। ସୋମବାର ପୂର୍ବାହ୍ନରେ ଦଳିତ ମହାସଂଘର ରାଜ୍ୟ ସଭାପତି ବିଜୟ କୁମାର ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ପିପିଲି ବଜାରରେ ନୂତନ ଭାବେ ହେବାକୁ ଯାଉଥିବା ମଦ ଦୋକାନକୁ ବିରୋଧ କରିଛନ୍ତି। ଜନଗହଳିପୂର୍ଣ୍ଣ ପିପିଲି



ବଜାର, ମନ୍ଦିର, ଶିକ୍ଷାନୁଷ୍ଠାନ ନିକଟ ଯିବାଆସିବା ବାଟରେ ଏହି ନୂତନ ମଦ ଦୋକାନ ଖୋଲିବାକୁ ବିରୋଧ କରିଛି ମହାସଂଘ। ରାଜରାସ୍ତାଠାରୁ ୫୦୦ମିଟରେ ଦୂରରେ ମଦ ଦୋକାନ ଖୋଲିବାକୁ ସରକାର ନିଷ୍ପତ୍ତି କରିଥିବା ବେଳେ ଏହି ମଦ ଦୋକାନ ରାସ୍ତା ଅତି ନିକଟରେ ନିର୍ମାଣ ହେଉଛି। ଏହି ମଦ ଦୋକାନ ହେବା ଦ୍ୱାରା ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ସୃଷ୍ଟି ହେବ ବୋଲି ଅଭିଯୋଗରେ ମହାସଂଘ ଦର୍ଶାଇଛି। ତେବେ ତୁରନ୍ତ ସେଠାରୁ ମଦ ଦୋକାନ ହଟାଇବା ପାଇଁ ଦାବି କରି ଦଳିତ ମହାସଂଘର ସମ୍ପାଦିକା ସୋନିଲତା ସେଠୀଙ୍କ ସହ ଶତାଧିକ ମହିଳା ବିଭିନ୍ନ ନାରାବାଜି ଦେଇ ପିପିଲି ବଜାର ପରିକ୍ରମା କରିଥିଲେ। ପରେ ପିପିଲି ଥାନାରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କୁ ଦଳିତ ମହାସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରତାପ


@ ଅଜୟ


@ ରୋମା


@ ସମ୍ବିତ୍


@ ଇନ୍ଦ୍ରମଣୀ


@ ସୂର୍ଯ୍ୟ

# ଖୋର୍ଦ୍ଧାରେ ଭିଗାର୍ଡର ୬ଷ୍ଠ ଶୋ'ରୁମ୍ ଲୋକାର୍ପିତ




**ଭୁବନେଶ୍ୱର,୨୩।୮**

ଦେଶର ପ୍ରମୁଖ ଗୃହ ଉପକରଣ ଓ ବିଦ୍ୟୁତ୍ ସରଞ୍ଜାମ କମ୍ପାନୀ ଭିଗାର୍ଡ ରାଜ୍ୟରେ ୬ଷ୍ଠ ଶୋ'ରୁମ୍ ଗ୍ରାହକଙ୍କ ପାଇଁ ଲୋକାର୍ପିତ କରିଛି। ଏହା ସ୍ଥାନୀୟ ଖୋର୍ଦ୍ଧା ଟାଉନ ଛକ ନିକଟରେ ବିଜୟଲକ୍ଷ୍ମୀ ଇଲେକ୍ଟ୍ରିକାଲ ପ୍ରତିଷ୍ଠାନ ସହାୟତାରେ ଏହି ନୂତନ ଶୋ'ରୁମ୍‌ଟି ସହରବାସୀଙ୍କ ପାଇଁ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଭିଗାର୍ଡର ରାଜ୍ୟ ଶାଖା ପରିଚାଳକ ସୁମନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ନୂତନ ଶୋ'ରୁମ୍ ଜରିଆରେ ଖୋର୍ଦ୍ଧା ଜିଲାର ବାସିନ୍ଦା ସେମାନଙ୍କର ଆବଶ୍ୟକତା ପୂରଣ ସହ କମ୍ପାନୀ ଗୁଣାତ୍ମକ ସାମଗ୍ରୀ ଓ ସେବାର ଲାଭ ଉଠାଇପାରିବେ ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୋ'ରୁମ୍ ସ୍ୱତ୍ୱାଧିକାରୀ ବିଜୟ କୁମାର ସାହୁଙ୍କ ସମେତ ଭିଗାର୍ଡର ବରିଷ୍ଠ ଅଧିକାରୀ ସୌମେନ୍ଦ୍ର କୁମାର ରାଉତ, ଶରତ ସାହୁ, ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହା ପୂର୍ବରୁ କମ୍ପାନୀ ଭୁବନେଶ୍ୱରରେ ୩ଟି ଏବଂ ଗଞ୍ଜାମ ଓ ବୌଦ୍ଧରେ ଗୋଟିଏ ଲେଖାଏଁ ଶୋ'ରୁମ୍ ରହିଛି। ଏହା ଜରିଆରେ ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ସବୁ ବର୍ଗର ଗୃହ ଉପକରଣ ଯୋଗାଇ ଦିଆଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।




୨୩.୦୮.୨୦୨୧

| | |
|---|---|
| ୧,୯୨,୯୫୪ଟଙ୍କା | |
| ସୁନା | ୧.୧୫୦ମିଲି ଗ୍ରାମ |
| ରୁପା | ୨୮.୭୦୦ ମିଲି ଗ୍ରାମ |

# ଅଧା ମହାପ୍ରସାଦ ବଳିଲା

## ଆନନ୍ଦବଜାରରେ ସେବନ ପାଇଁ ଅନୁମତି ଦିଆଯାଉ

**ପୁରୀ ଅଫିସ,୨୩।୮**

ଶ୍ରୀମନ୍ଦିର ପରିସରରେ ମହାପ୍ରସାଦ ସେବନ ପାଇଁ ଅନୁମତି ନ ଥିବାରୁ ମହାପ୍ରସାଦ ବିକ୍ରି ଧିମେଇଥିବା ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପଢିହାରୀ କହିଛନ୍ତି। ସେ କହିଛନ୍ତି, ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିବାରୁ ଭକ୍ତଙ୍କ ଆଗମନ ବଢିବ। ଏଭଳି ସ୍ଥଳେ ଆନନ୍ଦବଜାରରେ ଭକ୍ତଙ୍କୁ ମହାପ୍ରସାଦ ସେବନ ପାଇଁ ଅନୁମତି ଦିଆଯିବା ଉଚିତ। ନଚେତ୍ ଶ୍ରୀମନ୍ଦିର ବାହାରେ ମହାପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଉ। ମହାପ୍ରସାଦ ସେବନ ପାଇଁ ବ୍ୟବସ୍ଥା ନ ଥିବାରୁ ଭକ୍ତମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ୧୦ହଜାର ଲୋକଙ୍କ ପାଇଁ ମହାପ୍ରସାଦର ବ୍ୟବସ୍ଥା ହୋଇଥିବାବେଳେ ପାଖାପାଖି ୫ ହଜାର ଲୋକ ସେବନ କରିବା ଭଳି ମହାପ୍ରସାଦ ବଳିପଡ଼ିଛି। ଯେଉଁ ବ୍ୟକ୍ତି ୫ଶହ ଟଙ୍କାର ଅବଢ଼ା ନେବା କଥା, ସେବନ ପାଇଁ ସ୍ଥାନ ନ ଥିବାରୁ ନାମକୁ ମାତ୍ର ୫୦ ଟଙ୍କାର ଅବଢ଼ା ନେଇ ଚାଲିଯାଉଛି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ଅବଢ଼ା କିଣିନେଇ ଶ୍ରୀମନ୍ଦିର ବାହାରେ ଏଣେତେଣେ ଚପଲ ପିନ୍ଧି ଖାଉଛନ୍ତି, ଯାହା ମହାପ୍ରସାଦକୁ ଅସମ୍ମାନ। ଏଣୁ ପ୍ରଶାସନ ମହାପ୍ରସାଦ ସେବନ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ପଢିହାରୀ ମତ ପ୍ରକାଶ କରିଛନ୍ତି।



ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ମଧ୍ୟରେ ଧାଡ଼ି କରି ଛିଡ଼ା ହୋଇଛନ୍ତି ।

### ପ୍ରମାଣପତ୍ର ଫଟୋକପି ନ ନେଇ ଶ୍ରଦ୍ଧାଳୁ ହଇରାଣ

କୋଭିଡ୍ ଡବଲ୍ ଡୋଜ୍ କିମ୍ବା ଆର୍‌ଟି-ପିସିଆର୍ ଟେଷ୍ଟ ନେଗେଟିଭ୍ ରିପୋର୍ଟରେ ନକଲ ସାଙ୍ଗରେ ନେଇ ଦର୍ଶନ କରିବାକୁ ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଥିଲା। ହେଲେ ଅନେକ ଶ୍ରଦ୍ଧାଳୁ ରିପୋର୍ଟ କପି ନ ଦେଖାଇ ପାରି ହଇରାଣ ହୋଇଛନ୍ତି। ଶ୍ରଦ୍ଧାଳୁମାନେ ଡିଜିଟାଲ୍ ଫର୍ମରେ ପ୍ରମାଣପତ୍ର ଧରି ଧାଡ଼ି ଲାଗାଇଥିଲେ। ଯାଞ୍ଚ ବେଳେ କାଗଜ ନକଲ ଦେଖାଇବାକୁ କୁହାଯାଇଥିଲେ ମଧ୍ୟ ସେମାନଙ୍କ ପାଖରେ କେବଳ ଡିଜିଟାଲ୍ ପ୍ରମାଣପତ୍ର ଥିବା କହିଥିଲେ। ପ୍ରଶାସନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦର୍ଶନ ଅନୁମତି ନ ଦେବାରୁ ସେମାନେ ଧାଡ଼ିରୁ ବାହାରି ଡିଜିଟାଲ୍ ପ୍ରମାଣପତ୍ରଗୁଡ଼ିକର ଫଟୋ କପି କରାଇବା ପାଇଁ ଯାଇଥିଲେ। ଫଟୋ କପି ଧରି ପୁଣି ଥରେ ଦର୍ଶନ ଲାଗି ଧାଡ଼ିରେ ରହିଥିଲେ।

### ଆର୍‌ଟି-ପିସିଆର୍ ରିପୋର୍ଟ ପାଇଁ ଘରୋଇ ହସ୍ପିଟାଲ୍‌ରେ ପର୍ଯ୍ୟଟକ

ପୁରୀକୁ ଆସିଥିବା ଅନେକ ପର୍ଯ୍ୟଟକ ଆର୍‌ଟି-ପିସିଆର୍ ରିପୋର୍ଟ ପାଇଁ ଘରୋଇ ହସ୍ପିଟାଲ୍‌ରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରବେଶ ପାଇଁ ନେଗେଟିଭ୍ ରିପୋର୍ଟକୁ ବାଧ୍ୟତାମୂଳକ କରାଯାଇଥିବାରୁ ପର୍ଯ୍ୟଟକମାନେ ଘରୋଇ ହସ୍ପିଟାଲ୍‌କୁ ଧାଉଁଛନ୍ତି। ଗୋଟିଏ ଦିନରେ ଘରୋଇ ହସ୍ପିଟାଲ୍ ପକ୍ଷରୁ ରିପୋର୍ଟ ଦିଆଯାଉଛି। ସମ୍ପୃକ୍ତ ଘରୋଇ ହସ୍ପିଟାଲ୍ ଭୁବନେଶ୍ୱରର ବିଭିନ୍ନ ଲାବ୍‌କୁ ନମୁନା ପଠାଇ ଟେଷ୍ଟିଂ କରୁଥିବା ଜଣାପଡ଼ିଛି। ସେହିଭଳି ଆର୍‌ଟି-ପିସିଆର୍ ରିପୋର୍ଟ ପାଇଁ ଜଣଙ୍କ ପିଛା ୮ଶହ ଟଙ୍କା ନିଆଯାଉଛି।

### ବେଳାଭୂମି ଗହଳଚହଳ, ହୋଟେଲରେ ଯାତ୍ରୀ

ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବ୍ୟବସ୍ଥାର ୨୪ ଘଣ୍ଟା ପୂରି ନ ଥିଲେ ମଧ୍ୟ ପୁରୀ ସହରରେ ପର୍ଯ୍ୟଟକଙ୍କ ଗହଳି ବଢ଼ିବାରେ ଲାଗିଛି। ସମୁଦ୍ରକୂଳ ନିକଟ ହୋଟେଲ ଓ ଲଜ୍‌ଗୁଡ଼ିକରେ ପର୍ଯ୍ୟଟକ ରହିବା ଆରମ୍ଭ କଲେଣି। ପର୍ଯ୍ୟଟକମାନେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରିବା ପରେ ବେଳାଭୂମିରେ ବସି ମଜା ନେଇଥିବା ଦେଖିବାକୁ ମିଳିଛି। ଦୀର୍ଘ ଦିନ ପରେ ପୁରୀ ବେଳାଭୂମିରେ ଆଖିଦୃଶିଆ ଗହଳି ପରିଲକ୍ଷିତ ହୋଇଛି। ସେହିଭଳି ବେଳାଭୂମିରେ ବାରମଜା, ଗୁପଚୁପ, ବାଦାମଭଜା, ସି ଫୁଡ୍ ଓ ଅନ୍ୟ ଉଠା ବ୍ୟବସାୟ ଜମିଛି। ବେଳାଭୂମି ସମ୍ମୁଖ ଭାଗରେ ଥିବା ପ୍ରାୟ ସମସ୍ତ ହୋଟେଲ୍ ବାଲକୋନିରେ ପର୍ଯ୍ୟଟକମାନେ ବସି ବେଳାଭୂମିର ମଜା ନେଇଥିଲେ। ଅଗାମୀ ଦିନରେ ଆହୁରି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ତେଣୁ ବ୍ୟବସାୟ ଆହୁରି ଜମିବ ବୋଲି ଉଭୟ ଛୋଟବଡ଼ ବ୍ୟବସାୟୀ ଆଶା ବାନ୍ଧିଛନ୍ତି। ସେହିପରି ଲଜ୍, ହୋଟେଲଗୁଡ଼ିକରେ ମଧ୍ୟ ଭିଡ ହେବ ବୋଲି ଆଶା କରାଯାଉଛି।

# ମହାପ୍ରଭୁଙ୍କ ଦର୍ଶନଠାରୁ ବଡ଼ ଖୁସି କିଛି ନାହିଁ

**ପୁରୀ ଅଫିସ, ୨୩।୮:**

**କରୋନା କଟକଣା କୋହଳ ହୋଇଥିବାବେଳେ ଦୀର୍ଘ ୪ମାସର ବ୍ୟବଧାନ ପରେ ସୋମବାରଠାରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ଏଥିଲାଗି ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଛନ୍ତି। ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍ ଟିକା ନେଇଥିବାର ପ୍ରମାଣପତ୍ର ଦେଖାଇ ଶ୍ରଦ୍ଧାଳୁମାନେ ଦାରୁଦିଅଁଙ୍କ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ନିୟମାବଳୀ ମାନି ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହୋଇ ମହାପ୍ରଭୁଙ୍କ ଦର୍ଶନ କରିବା ପରେ କେତେଜଣ ଭକ୍ତ ବଖାଣିଛନ୍ତି ସେମାନଙ୍କ ମନର କଥା।**

### ମହାପ୍ରଭୁଙ୍କୁ ଦେଖିବାର ସୌଭାଗ୍ୟକୁ ଚାହିଁ ବସିଥିଲି



ମହାପ୍ରଭୁଙ୍କୁ ଦେଖିବାର ସୌଭାଗ୍ୟକୁ ଚାହିଁ ବସିଥିଲି। କରୋନା ବିଶ୍ୱକୁ ଅକଥନୀୟ କଷଣ ଦେଇଛି। ମୋତେ ମୋ' ମହାପ୍ରଭୁଙ୍କଠାରୁ ଅଲଗା କରି ରଖିଥିଲା। ବାସ୍ତବରେ କାଳିଆ ଠାକୁରଙ୍କ ପ୍ରତି ମୋ' ଭକ୍ତିକୁ ଆପଣଙ୍କ ଆଗରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ମୁଁ ସବୁବେଳେ ତାଙ୍କ ନିକଟରେ ସମର୍ପିତ। ଆଜିର ଦର୍ଶନକୁ ମୁଁ କେଇଟା ଶବ୍ଦରେ କହିପାରିବି ନାହିଁ। ସେ ନୟନ, ସେ ଚେହେରା ମୋ ଆଖିରେ ସତେଜ ହୋଇ ରହିବ। ସବୁ ମୋକ୍ଷର ରାସ୍ତା କାଳିଆ ଠାକୁର। ଭାରି ସୁନ୍ଦର ଦର୍ଶନ ହେଲା, ମହାପ୍ରଭୁଙ୍କୁ ମୋ' ମନର ସମସ୍ତ ଦୁଃଖସୁଖ ଜଣାଇଲି। ମୋ ପରିବାର କଲ୍ୟାଣ ପାଇଁ ଗୁହାରି କଲି। ଶ୍ରୀମନ୍ଦିର ପ୍ରଶାସନ କରିଥିବା ବ୍ୟବସ୍ଥା ଭଲ ଲାଗିଲା। ସମସ୍ତେ ଶ୍ରଦ୍ଧାଳୁମାନଙ୍କୁ ସହଯୋଗ କରୁଛନ୍ତି।

**-କମଳା ସେଠୀ, ନୂଆବଜାର, କଟକ**

### ଆନନ୍ଦବଜାରରେ ଅବଢ଼ା ଖାଇବାକୁ ଇଚ୍ଛା ଥିଲା



ରଥଯାତ୍ରାରେ ମହାପ୍ରଭୁଙ୍କୁ ପରଦାରେ ଦେଖିବା ମୋ ପାଇଁ ସବୁଠାରୁ କଷ୍ଟର ବିଷୟ ଥିଲା। ଏହାପରଠାରୁ କେବେ ଶ୍ରୀମନ୍ଦିର ଆସିବି ତାହାକୁ ଅପେକ୍ଷା କରିଥିଲି। ଶ୍ରୀମନ୍ଦିର ଖୋଲିବା କଥା ଶୁଣିବା ପରେ ଆସିବା ପାଇଁ ସବୁ ପ୍ରସ୍ତୁତି କରିଥିଲି। ଆଜିର ଦର୍ଶନ ନିହାତି ରୂପେ ସ୍ମରଣୀୟ। ଆନନ୍ଦବଜାରରେ ଅବଢ଼ା ଖାଇବାକୁ ଇଚ୍ଛା ଥିଲା ମାତ୍ର ହୋଇପାରିଲା ନାହିଁ। ସାଙ୍ଗରେ ମହାପ୍ରସାଦ ନେଇ ଫେରିଛି। କରୋନା ସମୟରେ ପ୍ରଶାସନ ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ସମସ୍ତେ କଟକଣାରେ ରହି ମହାପ୍ରଭୁଙ୍କୁ ଦର୍ଶନ କରିପାରିଲେ, ଏ ଅସମୟରେ ଲଢ଼ିବାକୁ ଶକ୍ତି ମିଳିବ।

**-ସୌମ୍ୟରଞ୍ଜନ ନାୟକ, ଛତ୍ରପୁର, ବ୍ରହ୍ମପୁର**

### କରୋନା କଷଣ ନେଇଯାଆନ୍ତୁ ବୋଲି ଗୁହାରି କଲି



ପୁରୀ ସହରବାସୀଙ୍କୁ ଅନୁମତି ମିଳିଲା, ମାତ୍ର ଜିଲାବାସୀଙ୍କୁ ପ୍ରଥମ ସୁଯୋଗ ମିଳି ନ ଥିଲା। ସେତେବେଳ ମହାପ୍ରଭୁଙ୍କ ଉପରେ ଅଭିମାନ ହୋଇଥିଲା। ମାତ୍ର ଆମ ପାଳି ପଡୁ ପଡୁ ମୁଁ ଦର୍ଶନ ପାଇଁ ଧାଇଁ ଆସିଲି। କରୋନା ଯୋଗୁ ମହାପ୍ରଭୁଙ୍କ ଦର୍ଶନ ଦୀର୍ଘ ଦିନ ହେବ ହୋଇ ନ ଥିଲା। ଏତେ ସୁନ୍ଦର ଦର୍ଶନ କେବେ ପାଇ ନ ଥିଲି। ବୋଧହୁଏ ମୁଁ ଅନେକ ଦିନ ହେବ ଦେଖି ନ ଥିଲି ବୋଲି ମୋତେ ମହାପ୍ରଭୁ ଆଜି ଅଧିକ ସୁନ୍ଦର ଦେଖାଗଲେ। ଢେର ସମୟ ତାଙ୍କ ସାମ୍ନାରେ ଠିଆ ହୋଇ ମନର ସବୁ କଥା ବଖାଣିଲି। କରୋନା କଷଣ ନେଇଯାଆନ୍ତୁ ବୋଲି ମଧ୍ୟ ଗୁହାରି କଲି। ମହାପ୍ରଭୁ ଚାହିଁଲେ କରୋନା ହଟିଯିବ ଓ ପୁଣି ଆମେ ସ୍ୱାଭାବିକ ଜୀବନ ଜୀଇଁବା।

**-ଶିବଶଙ୍କର ମହାପାତ୍ର, ବ୍ରହ୍ମଗିରି, ପୁରୀ**

### ଅନେକ ଦିନର ଇଚ୍ଛା ପୂରଣ ହେଲା



ଅନେକ ଦିନର ଆଶା ପୂରଣ ହେଲା। ମହାପ୍ରଭୁଙ୍କୁ ଦର୍ଶନ ଓ ମହାପ୍ରସାଦ ସେବନ ଭଳି ଉଭୟ ଇଚ୍ଛା ପୂରଣ ହେଲା। ଦର୍ଶନ ମୁହୂର୍ତ୍ତ ଅତ୍ୟନ୍ତ ଭାବବିହ୍ୱଳ ଥିଲା। ବଟବୃକ୍ଷ ତଳେ କିଛି ସମୟ ବସିବାର ସୁଯୋଗ ମିଳିଲା। ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ ଦର୍ଶନ କଲି, ଏହାଠାରୁ ବଡ଼ ଖୁସି ଆଉ କ'ଣ ଥାଇପାରେ। ଜୟ ଜଗନ୍ନାଥ।

**-ଦୀପାଳି ପ୍ରିୟଦର୍ଶିନୀ ନାୟକ, ଭୁବନେଶ୍ୱର**

## ସଂକ୍ଷେପରେ

### ଅଗ୍ନିକାଣ୍ଡ: ଗାଈ, ବାଛୁରୀ ଜୀବନ୍ତଦଗ୍ଧ

ସାକ୍ଷୀଗୋପାଳ,୨୩।୮(ଡି.ଏନ୍.ଏ./ସ୍ୱ.ପ୍ର.)- ସତ୍ୟବାଦୀ ଥାନା ଅନ୍ତର୍ଗତ ବଳପୁର ଦିହୁଡି ସାହିରେ ରବିବାର ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ ଓ ବାଛୁରୀ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ଖବରପାଇ ସତ୍ୟବାଦୀ ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ କୁମାର ନାୟକ ସଦଳବଳ ୨ଟି ଦମକଳ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ରବିବାର ରାତି ଗୋଟାଏ ବେଳେ ଲକ୍ଷ୍ମୀଧର ଦିହୁଡିଙ୍କ ଗୁହାଳରେ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ରାତିରେ ଗୁହାଳର ଘଷି ଧୂଆଁ ଦିଆଯାଇଥିଲା। ସେଥିରୁ ଘରେ ନିଆଁ ଲାଗିଥିବା ଜଣାପଡିଛି। ପରେ ସାକ୍ଷୀଗୋପାଳ ପ୍ରାଣୀଧନ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

### ଦିବ୍ୟାଙ୍ଗଙ୍କୁ ଲାପଟପ୍ ବଣ୍ଟନ

ପୁରୀ ଅଫିସ, ୨୩।୮: ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପୁରୀ ଜିଲାର ଦିବ୍ୟାଙ୍ଗଙ୍କୁ ଲାପଟପ ବଣ୍ଟନ କରାଯାଇଛି। ଜିଲାପାଳ ସମର୍ଥ ବର୍ମା ସୋମବାର ୪ଜଣ ଦୃଷ୍ଟିବାଧିତଙ୍କୁ ନିଜ କାର୍ଯ୍ୟାଳୟରେ ମାଗଣା ଲାପଟପ ବଣ୍ଟନ କରିଛନ୍ତି। ଲାପଟପ ପାଇଥିବା ୪ଜଣ ଦିବ୍ୟାଙ୍ଗ ହେଉଛନ୍ତି ନିମାପଡ଼ାର ଶୁଭସ୍ମିତା ନାୟକ, ସତ୍ୟବାଦୀର ବୁଦ୍ଧେଶ୍ୱର ପାତ୍ର, ପୁରୀ ସଦରର ଉମେଶ କୁମାର ପ୍ରଧାନ ଏବଂ କୋଣାର୍କର ଗାୟତ୍ରୀ ବେହେରା । ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜର ମନୋବଳ ଦୃଢ଼ କରିବା ସହ ଭଲ ପାଠପଢି ଭବିଷ୍ୟତ ଗଠନ କରିବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ଏଥିସହ ଜିଲାର ୧୦ଜଣ ତୃତୀୟ ଲିଙ୍ଗୀଙ୍କୁ ଚିହ୍ନଟପତ୍ର ପ୍ରଦାନ କରାଯାଇଛି। ଏହା ଦ୍ୱାରା ସେମାନେ ନିଜର ପରିଚୟ ସହ ସମାଜ ମୁଖ୍ୟସ୍ରୋତରେ ସାମିଲ ହୋଇାରିବେ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଏବଂ ସିଦ୍ଧାର୍ଥ ଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି କରି ଜଣେ ଗିରଫ

ପୁରୀ ଅଫିସ,୨୩।୮- ସମୁଦ୍ରକୂଳ ଥାନା ଅନ୍ତର୍ଗତ ରେଣୁକା ଗଳି ନିକଟରେ ଥିବା ବିଦେଶୀ ମଦ ଦୋକାନରୁ ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲି ହରିଜନ ସାହିର ସାହିଲ ନାୟକ (୨୦)। ପୋଲିସ ଅଭିଯୁକ୍ତଙ୍କ ଠାରୁ ନଗଦ ୩ ହଜାର ଟଙ୍କା ଜବତ କରିଛି। ଏ ନେଇ ନଂ.୧୭୨ /୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ୨୧ ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ରେଣୁକା ଗଳିରେ ଥିବା ବିଦେଶୀ ମଦ ଦୋକାନରେ ପଶି ଇନ୍‌ଭର୍ଟର ଏବଂ ପାଖାପାଖି ୪୯୦୦ ଟଙ୍କା ଚୋରି କରି ନେଇଥିଲା। ପରଦିନ ଦୋକାନର ଅଭୟ କୁମାର ନାୟକ ଏହା ଦେଖି ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ସାହିଲ୍‌କୁ ଧରିଥିଲା।

### ଅବକାରୀ ଚଢ଼ାଉ, ୨ ଗିରଫ

ପୁରୀ ଅଫିସ,୨୩।୮- ପୁରୀ ଜିଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ପୁରୀ ସଦର କାକଟପୁର ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ହେଉଥିବା ଖବରପାଇ ଚଢ଼ାଉ କରି ବିପୁଳ ପରିମାଣରେ ନିଶାଦ୍ରବ୍ୟ ଜବତ କରିଥିଲେ। ଏଥିସହ ନିଶା କାରବାର ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କାକଟପୁର ଗମ୍ଭାରୀପଡ଼ା ଥାନା ଅଞ୍ଚଳର କାଳନ୍ଦି ବେହେରା (୪୦) ଏବଂ କାଞ୍ଚନ ବେହେରା (୪୫)। ପୋଲିସ ଉଭୟ ଅଭିଯୁକ୍ତଙ୍କଠାରୁ ୫୦ ଲିଟର ଆସ୍କାଫର୍ଟ ସହ ୨୫.୯୨୦ ଲିଟର ମଦ ଜବତ କରିଛି। ଏ ନେଇ ଅବକାରୀ ପୋଲିସ ଦୁଇଟି ପୃଥକ ମାମଲା (୨୪,୨୫/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, କାକଟପୁର ଅଞ୍ଚଳରେ ଦୀର୍ଘଦିନ ହେବ ନିଶା କାରବାର ହୋଇ ଆସୁଥିଲା। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ସୋମବାର ଉକ୍ତ ଅଞ୍ଚଳରେ ଚଢାଉ କରି ନିଶା ଦ୍ରବ୍ୟ ଜବତ କରି ସହ ୨ଜଣଙ୍କୁ ଧରିଥିଲେ।



ପୁରୀ ରାଧାବଲ୍ଲଭ ମଠରେ ଝୁଲଣ କୁଞ୍ଜରେ ବିଜେ ଠାକୁରଙ୍କ ନିକଟରେ ବିଭିନ୍ନ ପ୍ରକାର ଭୋଗ ଲଗାଯାଇଛି ।

## ଝୁଲଣ ଯାତ୍ରା ସରିଲା

**ପୁରୀ ଅଫିସ, ୨୩।୮:**

ଶ୍ରୀମନ୍ଦିର ସମେତ ବିଭିନ୍ନ ମଠରେ ସୋମବାର ଝୁଲଣ ଯାତ୍ରା ଶେଷ ହୋଇଛି। ଏଥର କରୋନା କଟକଣା ଯୋଗୁ ଲୋକେ ଝୁଲଣଯାତ୍ରା ଦେଖିବାରୁ ବଞ୍ଚିତ ହୋଇଥିଲେ। ପ୍ରତିଦିନ ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ପରେ ପ୍ରଭୁ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଝୁଲଣ କୁଞ୍ଜରେ ବିରାଜମାନ କରିଥିଲେ। ସୁସଜ୍ଜିତ ଝୁଲଣକୁଞ୍ଜରେ ମଦନମୋହନ ରାସ କରିଥିଲେ। ସେହିପରି ବିଭିନ୍ନ ମଠମନ୍ଦିର ତଥା ପୁରୀର କେତେକ ପରିବାର ପକ୍ଷରୁ ଝୁଲଣ ଯାତ୍ରା ପାଳନ କରାଯାଇଥିଲା। ପ୍ରାୟତଃ ଏକମାସ ପୂର୍ବରୁ କାରିଗରମାନେ ଶୁଦ୍ଧପୂତ ଭାବେ ଝୁଲଣ ନିର୍ମାଣରେ ଲାଗିଥାନ୍ତି। କୁଞ୍ଜକୁ ଆକର୍ଷଣୀୟ କରିବା ପାଇଁ ଜରି, ଜମୁରା, ସୋଲ, ରଙ୍ଗ ଓ ନୂଆକନା ବ୍ୟବହାର କରାଯାଇଥାଏ। ଏହି କୁଞ୍ଜରେ ଦେବାଦେବୀ, ସଖୀ, ପଶୁ, ପକ୍ଷୀ ତଥା ଗଛଲତା ସହ ସୁବାସିତ ଫୁଲ ଓ ଫଳ ସ୍ଥାନ ପାଇଥାଏ। ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରାର ସ୍ୱତନ୍ତ୍ରତା ରହିଛି। ପ୍ରତିବର୍ଷ ଝୁଲଣ କୁଞ୍ଜ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମାତ୍ର ଚଳିତବର୍ଷ କୋଭିଡ୍ କଟକଣା ପାଇଁ ଏହା ବନ୍ଦ ରହିଥିଲା। ଦ୍ୱାପର ଯୁଗର ପ୍ରଭୁ ଶ୍ରୀକୃଷ୍ଣ ଓ ରାଧାରାଣୀ ଝୁଲଣ କୁଞ୍ଜରେ କରୁଥିବା ରାସଲୀଳାକୁ ସ୍ମରଣ କରି ଶ୍ରୀକ୍ଷେତ୍ରରେ ଏହି ମହାନ ପରମ୍ପରା କାହିଁ କେତେ ବର୍ଷରୁ ଚାଲିଆସୁଛି।




ପୁରୀ ବେଳାଭୂମିରେ ସୋମବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

## ସ୍ୱଭାବ କବିଙ୍କ ସାହିତ୍ୟ କୃତି ଉପରେ ଆଲୋଚନା

**ପୁରୀ ଅଫିସ, ୨୩।୮:**

ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ୨୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରକ୍ଷାବନ୍ଧନ ଉତ୍ସବ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସବ ସୋମବାର ଭଗବତୀ ବିଦ୍ୟା ନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ତଥା ସଂସଦର କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମହେନ୍ଦ୍ର ବିଶୋଇ ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି, ରମେଶ ଚନ୍ଦ୍ର ଦାଶ, ଦୁର୍ଗାବତୀ ପ୍ରଧାନ, କ୍ରିଷ୍ଣା ପ୍ରଧାନ, କବିତା ମିଶ୍ର ପ୍ରମୁଖ ଉତ୍ସବରେ ଯୋଗଦେଇ ସ୍ୱଭାବ କବିଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ମେହେର ସାହିତ୍ୟର ଅବଦାନ ଏବଂ ସ୍ୱଭାବ କବିଙ୍କ ଅନାଲୋଚିତ ସାହିତ୍ୟ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଲକ୍ଷ୍ମୀଧର ମାଝୀ ଓ ଜଳନ୍ଧର ବିଶୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ଅଭିଯୋଗ ଆଣିଲେ ବାପଘର

**ସାକ୍ଷୀଗୋପାଳ, ୨୩।୮ (ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ମଠସାହିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ହେଲେ ମଠସାହିରେ ରହୁଥିବା କିଶୋର ରାଉତରାୟଙ୍କ ସ୍ତ୍ରୀ ଗାୟତ୍ରୀ। ତେବେ ଯୌତୁକ ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେଇ ହତ୍ୟା କରିଥିବା ନେଇ ମୃତା ଗାୟତ୍ରୀଙ୍କ ଭାଇ ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ କେସ ନମ୍ବର ୩୩୫/୨୧ ଧାରା ୪୯୮(କ)/ ୩୦୪(ଖ)/ ୩୦୨/ ୪ ଡି ପି ଆକ୍ଟ ଓ ୩୪ ଆଇପିସିରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଆଇଆଇସିଦେବୀ ପ୍ରସାଦ ପାତ୍ର କହିଛନ୍ତି। ଅଭିଯୋଗ ମୁତାବକ, କଣାସ ଥାନା ଅଞ୍ଚଳର ସ୍ୱର୍ଗତ ଗୋକୁଳାନନ୍ଦ ରାଉତରାୟଙ୍କ ଝିଅ ଗାୟତ୍ରୀ ୨୦୧୪ରେ କିଶୋରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଶାଶୁଘର ଲୋକଙ୍କ ଦାବି ମୁତାବକ ଗାୟତ୍ରୀ ପରିବାର ପକ୍ଷରୁ ଯୌତୁକ ଦିଆଯାଇଥିଲା। ମାତ୍ର ୧୬ ମଙ୍ଗଳାଠାରୁ କିଶୋର କାମଧନ୍ଦା ପାଇଁ ଦୁବାଇ ଚାଲିଯାଇଥିଲେ। ୨ ବର୍ଷ ପରେ ଘରକୁ ଫେରିଥିଲେ ମଧ୍ୟ ୨ମାସ ରହି ପୁଣି ଦୁବାଇ ଯାଇଥିଲେ ମଧ୍ୟ ଆଉ ଫେରି ନାହାନ୍ତି। ଏହାର ସୁଯୋଗ ନେଇ ଶାଶୁଘର ଲୋକେ ଗାୟତ୍ରୀଙ୍କୁ ଆହୁରି ୫୦ ହଜାର ଟଙ୍କା ବାପଘରୁ ଆଣିବାକୁ ଶାଶୁଘର ଲୋକେ ବାଧ୍ୟ କରାଉଥିଲେ ବୋଲି ସେ ଫୋନକରି ବାପଘରକୁ ଜଣାଇଥିଲେ। ଟଙ୍କା ପାଇଁ ଗାୟତ୍ରୀଙ୍କୁ ଶାଶୁଘର ଲୋକେ ବିଭିନ୍ନ ସମୟରେ ମାନସିକ, ଶାରୀରିକ ନିର୍ଯାତନା ଦେଉଥିବା କହିଥିଲେ। ରବିବାର ରାତିରେ ଗାୟତ୍ରୀ ସଂଜ୍ଞାହୀନ ହୋଇପଡ଼ିଥିବା ଶାଶୁଘର ଲୋକେ ଗାୟତ୍ରୀଙ୍କ ବାପଘରକୁ ଜଣାଇଥିଲେ। ପରେ ଗାୟତ୍ରୀଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ଗାୟତ୍ରୀଙ୍କ ବାପଘର ମେଡିକାଲକୁ ଆସି ଦେଖିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବକେୟା ଦରମା ଦାବି କଲେ ଆତ୍ମା କର୍ମଚାରୀ

**ପୁରୀ ଅଫିସ, ୨୩।୮**

କୃଷି ବିଭାଗ ଅଧୀନରେ ଥିବା କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ବକେୟା ଦରମା ପ୍ରଦାନ ପାଇଁ ଦାବି ହୋଇଛି। ଏଥିସହ ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ସଂସ୍ଥା ପକ୍ଷରୁ ସୋମବାର ଜିଲା କୃଷି ଭବନ କାର୍ଯ୍ୟାଳୟରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅନୁଷ୍ଠାନର ମଣ୍ଡଳ ବୈଷୟିକ ପରିଚାଳକ ସଭାପତି ଉମାକାନ୍ତ ଦଳାଇଙ୍କ ଅଭିଯୋଗ ଅନୁଯାୟୀ, ଆତ୍ମା ଅଧୀନରେ ୧୧ଟି ବ୍ଲକରେ ମୋଟ ୪୪ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କର୍ମଚାରୀମାନେ ଆତ୍ମା କାର୍ଯ୍ୟ ସହ କୃଷି ତଥା ଆନୁସଙ୍ଗିକ କୃଷି କ୍ଷେତ୍ରରେ ସମସ୍ତ କାର୍ଯ୍ୟକୁ ତଦାରଖ କରୁଛନ୍ତି। ଏଥିସହିତ କାଳିଆ ଯୋଜନା ବଳରାମ ଯୋଜନା କୃଷି ଓଡ଼ିଶା ମୃତ୍ତିକା ପରୀକ୍ଷା ପ୍ରଶିକ୍ଷଣ ଶିବିର, ରାଜ୍ୟ ଯୋଜନା, ଜାତୀୟ ନିରାପତ୍ତା ମିଶନ ଭଳି ଅନେକ ଯୋଜନାରେ କାର୍ଯ୍ୟ କରୁଛନ୍ତି। ମାତ୍ର ସରକାର କୋଭିଡ୍ ଭଳି ମହାମାରି ସମୟରେ କର୍ମଚାରୀମାନଙ୍କୁ ଦୀର୍ଘ ଚାରି ମାସ ହେବ ଦରମା ଦେଇନାହାନ୍ତି। ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କ ପ୍ରତିବର୍ଷ ମହଙ୍ଗା ଭତ୍ତା ବଢିଥାଏ। ସେହିପରି ଆତ୍ମାର ଗାଇଡ୍‌ଲାଇନ ଅନୁଯାୟୀ ୧୦ଶତକଡା ମହଙ୍ଗା ଭତ୍ତା ବୃଦ୍ଧି କରିବାର ନିୟମ ଥିବାବେଳେ ଦୀର୍ଘ ୯ ବର୍ଷ ମଧ୍ୟରେ ଗୋଟିଏ ଥର ମଧ୍ୟ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇ ନାହିଁ। ତେଣୁ ସରକାର ସମସ୍ୟାଗୁଡିକୁ ଦୃଷ୍ଟିରେ ରଖି କର୍ମଚାରୀଙ୍କ ବକେୟା ଥିବା ୪ ମାସର ଦରମା ସହ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ କର୍ମଚାରୀମାନେ ଦାବି କରିଛନ୍ତି।



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆତ୍ମା କର୍ମଚାରୀମାନେ ।